## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨।୧(ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ): ବଡ଼ଚଣା ବ୍ଲକ ସାଉଡ଼ିଆ ପଞ୍ଚାୟତ ଅଧୀନ ସାଉଡ଼ିଆ(ପଟଣା)ଗ୍ରାମରେ ମହୁମାଛି ଆକ୍ରମଣରେ ଗୁରୁତର ହୋଇଥିବା ଜଣେ ବୃଦ୍ଧଙ୍କ ଗୁରୁବାର ମୃତ୍ୟୁ ହୋଇଛି। ସେ ହେଲେ କୃଷ୍ଣଚନ୍ଦ୍ର ପ୍ରଧାନ(୬୦)। କୃଷ୍ଣଚନ୍ଦ୍ର ଗତ ମାସ ୧୬ ତାରିଖରେ ନିଜ ଛେଳିକୁ ନେଇ ବିଲକୁ ଯାଉଥିବାବେଳେ ହିଡ଼ମୁଣ୍ଡ ଗଛରେ ବସା ବାନ୍ଧିଥିବା ମହୁମାଛି ତାଙ୍କୁ ଓ ତାଙ୍କ ଛେଳିକୁ ଆକ୍ରମଣ କରିଥିଲେ। ସେହିଦିନ ତାଙ୍କ ଛେଳିର ମୃତ୍ୟୁ ହୋଇଥିବାବେଳେ କୃଷ୍ଣଚନ୍ଦ୍ର ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଗୋପାଳପୁର ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିଲେ। କୃଷ୍ଣଚନ୍ଦ୍ର ଜଣେ ସଫଳ ଚାଷୀ ଥିଲେ। ତାଙ୍କ ପରଲୋକ ଖବରପାଇ କଂଗ୍ରେସ ନେତା ଶୁଭେନ୍ଦୁ ମହାନ୍ତି, ଅଜୟ ସାମଲ, ସରପଞ୍ଚ ଜଗନ୍ନାଥ ଖଣ୍ଡାଇ, ସମିତିସଭ୍ୟ ସୁରେନ୍ଦ୍ର ସେନାପତି ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ସୂର୍ଯ୍ୟମଣି ମୁଖାଗ୍ନି ଦେଇଥିଲେ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ମନମୋହନ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି

ଦଶରଥପୁର,୨।୧(ସୁଶାନ୍ତ କୁମାର ବେହୁରିଆ): ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ପରଲୋକରେ ଦଶରଥପୁର ବ୍ଲକ କଂଗ୍ରେସ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଝୁମ୍ପୁରୀ ବଜାରସ୍ଥିତ କଣ୍ଠ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ବ୍ଲକ ଉପସଭାପତି ଚନ୍ଦ୍ରଶେଖର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପିସିସି ସଭ୍ୟ ଦେବେନ୍ଦ୍ର ପଣ୍ଡା, ବରିଷ୍ଠ ନେତା ସନ୍ତୋଷ ନନ୍ଦ, କନକଲତା ମଲିକ, ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ଜେନା, ରମାକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ପରିଡ଼ା, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଦାସ, ଯୁବନେତା ଏକାଦଶୀ ତ୍ରିପାଠୀ, ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ସିଂହଙ୍କ ନିକଟରେ ଦେଶ ଋଣୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୃଷୀକେଶ ଜେନା, ଦେବକାନ୍ତ ପତି, ଶେଖର ସମ୍ମିତ ଧଳ, ସାଗର ରଞ୍ଜନ ପରିଡ଼ା, ଅନୁପମ ମଲିକ, ଉମେଶ ଜେନା, ନାରଦ ଦାସ, ଜନ୍ମେଜୟ ମେକପ, ଅଜୟ ନାୟକ, ପଞ୍ଚାନନ ଗାହାଣ, ସେକ୍ କାଲୋ, ପ୍ରବୋଧ ନାୟକ, ଅଜିତ ମହାନ୍ତି, ଉମାକାନ୍ତ ନାୟକ, ସୌମ୍ୟରଞ୍ଜନ ବେହେରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ

ଛତିଆ,୨।୧(ସୌମ୍ୟରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ନେଳିଆ ପଞ୍ଚାୟତର ନେଳିଆ ଗ୍ରାମରେ ଥିବା ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଅଙ୍କୁରାରୋପଣ, ଜଳଯାତ୍ରା, ସୂର୍ଯ୍ୟପୂଜା ଓ ଗୋପୂଜା ଆଦି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ କୃପା ଲାଭ କରିବା ସହ ପ୍ରସାଦ ସେବନ କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

# ଚିଠି ନୂଆ, ଅଗ୍ରଗତି ରିପୋର୍ଟ ପୁରୁଣା

ଯାଜପୁର,୨।୧(ହର୍ଷବର୍ଦ୍ଧନ ବେହେରା):

ସରକାରୀ ନିୟମ ଅନୁସାରେ ଖଣି ସଂସ୍ଥାଗୁଡ଼ିକ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ କଥାକୁ ଭୁଲି ଯାଇଥିଲେ। ସରକାରଙ୍କ ଦ୍ୱାରା ପ୍ରଣୀତ ଜିଲା ଖଣିଜ ନ୍ୟାସ ପ୍ରତିଷ୍ଠାନ(ଡିଏମ୍ଏଫ୍) ଓ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍ବିଏଡିସି) ପାଣ୍ଠି ମଧ୍ୟ ସୁଚାରୁରୂପେ ବିନିଯୋଗ ହୋଇ ପାରି ନ ଥିଲା। ଫଳରେ ଯାଜପୁର ଜିଲାର ଖଣି ପ୍ରଭାବିତ ସୁକିନ୍ଦା ବ୍ଲକର ନଗଡ଼ା ଭଳି ଚିତ୍ର ସାମ୍ନାକୁ ଆସିଥିଲା। ଏହାପରେ ଗତ କିଛି ବର୍ଷ ହେଲା ଡିଏମ୍ଏଫ୍ ଏବଂ ଓଏମ୍ବିଏଡିସି ପାଣ୍ଠି ବିନିଯୋଗ କଥା ଶୁଣିବାକୁ ମିଳୁଛି। ହେଲେ ସ୍ୱାସ୍ଥ୍ୟକ୍ଷେତ୍ରରେ ଏହି ପାଣ୍ଠିର ବିନିଯୋଗ ନୈରାଶ୍ୟଜନକ ହୋଇଛି। ସରକାର ତଥା ଓଏମ୍ବିଏଡିସି ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ଏହି ପାଣ୍ଠିର ମାସିକ ଅଗ୍ରଗତି ରିପୋର୍ଟ (ଏମ୍ପିଆର) ପ୍ରଦାନ କରାଯାଉଛି ସତ, ହେଲେ ଚିଠି ନୂଆ ହେଲେ ମଧ୍ୟ ପୁରୁଣା ଅଗ୍ରଗତି ରିପୋର୍ଟର ତଥ୍ୟକୁ ଦର୍ଶାଯାଉଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨।୧।୨୦୨୫ରେ ଦିଆଯାଉଥିବା ଚିଠି ଓ ତତ୍ସମ୍ବଳିତ ୨୦୨୪ ଅକ୍ଟୋବରର ତଥ୍ୟକୁ ଅବଲୋକନ କଲେ ଏହା ଜଳଜଳ ହୋଇ ଦିଶୁଛି। ଏଥିରୁ ସମ୍ପୃକ୍ତ ବିଭାଗ ନିଜର ଦୋଷକୁ ଲୁଚାଇବାକୁ ଯାଇ ୩ ମାସ ପୁରୁଣା ଅଗ୍ରଗତି ରିପୋର୍ଟ ଦାଖଲ କରୁଥିବା ମତପ୍ରକାଶ ପାଇଛି।

ଶାହା କମିଶନଙ୍କ ରିପୋର୍ଟ ଆଧାରରେ ସୁପ୍ରିମକୋର୍ଟ ଖଣିଜ ପଦାର୍ଥ ଲୁଟିଥିବା ଲିଜ୍ଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ୧୮ ହଜାର କୋଟି ଟଙ୍କା ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅର୍ଥରେ ଓଏମ୍ବିଏଡିସି ଗଠିତ ହୋଇଥିଲା। ଓଏମ୍ବିଏଡିସି ଅର୍ଥକୁ ମୁଖ୍ୟତଃ ବୋର୍ଡ ଅଫ୍ ଡାଇରେକ୍ଟର ଏବଂ ଓଭରସାଇଟ ଅଥରିଟିଙ୍କ ଅନୁମୋଦନ ନେଇ ଖଣି ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ, ଶିକ୍ଷା(ପ୍ରଶିକ୍ଷଣ ଏବଂ କୌଶଳ ବିକାଶ), ସ୍ୱାସ୍ଥ୍ୟ(ଅଙ୍ଗନୱାଡ଼ି କେନ୍ଦ୍ର ସମେତ), ଜୀବନ ଜୀବିକା, ଗ୍ରାମ୍ୟ ସଂଯୋଗୀକରଣ, ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ସଂରକ୍ଷଣ ଓ ଭୂତଳ ଜଳ ରିଚାର୍ଜ ଆଦି କ୍ଷେତ୍ରରେ ବ୍ୟୟ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଏହି କ୍ରମରେ ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରର ବିକାଶ ପାଇଁ ୬୭୫.୩୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା। କିନ୍ତୁ ଅକ୍ଟୋବର ୨୦୨୪ ସୁଦ୍ଧା ମାତ୍ର ୨୯୦.୦୫ କୋଟି ଟଙ୍କା ବିନିଯୋଗ ହୋଇ ପାରିଛି। ଯାଜପୁର ଜିଲାରେ ୩୦.୮୩ କୋଟିରୁ ୩.୭୧ କୋଟି, କେନ୍ଦୁଝର ଜିଲାରେ ୫୫.୧୭ କୋଟିରୁ ୨୮.୫୩ କୋଟି, ମୟୂରଭଞ୍ଜ ଜିଲାରେ ୨୪.୬୪ କୋଟିରୁ ୧୬.୬୭ କୋଟି ଓ ସୁନ୍ଦରଗଡ଼ ଜିଲାରେ ୨୨.୬୩ କୋଟି ଟଙ୍କା ବିନିଯୋଗ ହୋଇଥିବାବେଳେ ୧୨.୪୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

ଏଠାରେ ଯାଜପୁର ଜିଲାକୁ ଯଦି ଉଦାହରଣ ଭାବେ ନିଆଯିବ. ତେବେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଗ୍ରାମାଞ୍ଚଳର ସିଏଚ୍ସି ଓ ପିଏଚ୍ସିରେ ପାଖାପାଖି ୧୦୦ ଜଣ ଡାକ୍ତର ପଦବୀ ଖାଲି ପଡ଼ିଛି। ଏହାବାଦ୍ ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବ୍ୟାସନଗର ପୌରାଞ୍ଚଳରେ ଏକାଧିକ ପ୍ରସ୍ତାବିତ ପ୍ରକଳ୍ପ ଯୋଜନାରେ ସୀମିତ ରହିଛି। କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଲାଗି ଥିବା ଏହି ସହରର ଲୋକ ସଂଖ୍ୟା ବେସରକାରୀ ଭାବେ ପ୍ରାୟ ଦେଢ଼ ଲକ୍ଷକୁ ଟପିଲାଣି। ୨ ଦଶନ୍ଧି ହେଲା ୧୦୦ ବେଡ୍ ବିଶିଷ୍ଟ ସୁପର ସ୍ପେସିଆଲିଟି କିମ୍ବା ଉପଖଣ୍ଡସ୍ତରୀୟ ଡାକ୍ତରଖାନା ଭାଷଣବାଜିରେ ସୀମିତ ରହି ଆସିଛି। ଜିଲା ସଦର ଡାକ୍ତରଖାନାରେ ୨୫୦ବେଡ୍ ବିଶିଷ୍ଟ ଗୃହ ନିର୍ମାଣ ଏଯାଏ ଶେଷ ହୋଇ ପାରିନାହିଁ। ଏହାବାଦ୍ ଖଣି ପ୍ରଭାବିତ ସୁକିନ୍ଦା ବ୍ଲକର ବାରଗାଡିଆ ସ୍ୱାସ୍ଥ୍ୟକେନ୍ଦ୍ର, ଖରଡି, ମଙ୍ଗଳପୁର, ସାରଙ୍ଗପୁର ଓ ସାରୁଆବିଲ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ନିର୍ମାଣ ପ୍ରସ୍ତାବରେ ସୀମିତ ରହିଛି।

ଜିଲାର ଅନ୍ୟତମ ପ୍ରମୁଖ ସହର ବ୍ୟାସନଗରରେ ସ୍ୱାସ୍ଥ୍ୟସେବାକୁ ଆଦୌ ଗୁରୁତ୍ୱ ଦିଆଯାଉନ ଥିବା ମନେହେଉଛି। ଯାଜପୁର ମେଡିକାଲ କଲେଜ ପରିସରରେ ଓଏମ୍ବିଏଡିସି ପାଣ୍ଠିରୁ ୬୫.୩୨ କୋଟି ଓ ରାଜ୍ୟ ସରକାରଙ୍କ ପାଣ୍ଠିରୁ ୩୮.୭୯ କୋଟି ଏପରି ସମୁଦାୟ ୧୦୪.୧୧ କୋଟି ଟଙ୍କା ଅତିରିକ୍ତ ଭାବେ ଖର୍ଚ୍ଚ କରାଯାଇ ୧୫୦ ବେଡ୍ ବିଶିଷ୍ଟ ମ୍ୟାଟରନିଟି ଏଣ୍ଡ ଚାଇଲ୍ଡ ହେଲ୍ଥ(ଏମସିଏଚ୍) ଗୃହ ନିର୍ମାଣ ହେଉଛି। ଏହି ନିର୍ମାଣ କାର୍ଯ୍ୟ ୨।୫।୨୦୨୨ରେ ଆରମ୍ଭ ହୋଇ ୩୧।୩।୨୦୨୪ରେ ଶେଷ ହେବା କଥା। କିନ୍ତୁ ଏଯାଏ ମାତ୍ର ୬୦ ପ୍ରତିଶତ କାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ଫଳରେ ନିର୍ଦ୍ଧାରିତ ସମୟରେ ମେଡିକାଲ କଲେଜ ଆରମ୍ଭ ହୋଇ ପାରିନାହିଁ। ଖଣି ଖନନ ଦ୍ୱାରା ପ୍ରଦୂଷଣ ଓ ପରିବେଶଗତ ସମସ୍ୟାର ସମ୍ମୁଖୀନ ହେଉଥିବା ଅନୁନ୍ନତ ସୁକିନ୍ଦା ବ୍ଲକ ଅଞ୍ଚଳର ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ଓଏମ୍ବିଏଡିସି ପାଣ୍ଠି ସର୍ବାଧିକ ଖର୍ଚ୍ଚ କରାଯାଉ ନାହିଁ ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଯାଜପୁର ସିଡିଏମ୍ଓ ପ୍ରକାଶ କୁମାର ବଳଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

### ଓଏମ୍ବିଏଡିସି ପାଣ୍ଠିରେ ସ୍ୱାସ୍ଥ୍ୟସେବା


GOVERNMENT OF ODISHA
HEALTH & FAMILY WELFARE DEPARTMENT
*****

File No. HFW-BLD-OMBADC-0006-2022-0785 /H&F.W. Dated- 02.01.2025

From,
Sri Dolamani Patel, OAS (SAG)
Additional Secretary to Govt.
Nodal Officer-Admin- OMBADC.

To
The Chief Executive Officer,
Odisha Mineral Bearing Areas Development Corporation,
Aranya Bhawan, Chandrasekharpur, Bhubaneswar.

Sub:- Submission of MPR for the month of October 2024 of the project "Up gradation of Health Infrastructure in Keonjhar/ Mayurbhanj/ Sundargarh and Jajpur Districts".

Sir,
In inviting a reference to the subject cited above, I am directed to send herewith the MPR of the project "Up gradation of Health Infrastructure in Keonjhar, Mayurbhanj, Sundargarh and Jajpur Districts" for the month of October 2024 for taking necessary action in the matter.

Yours faithfully,
Additional Secretary to Govt.

Memo No. 0086 /H Dated 02.01.2025
Copy forwarded to the CDM & PHO Jajpur / Sundargarh/ Keonjhar / Mayurbhanj for information and necessary action. CDM & PHO, Jajpur is requested to furnish the revised MPR in compliance to this department letter no. 34532 dtd 19.12.24 .

Additional Secretary to Govt.

Memo No. 0087 /H Dated 02.01.2025
Copy forwarded to the MD, NHM(O) for information and necessary action.

Additional Secretary to Govt.

ଗୁରୁବାର ହସ୍ତଗତ ହୋଇଥିବା ଚିଠି।

# କାଶୀନାଥ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

ବରୀ,୨।୧(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ ଅନ୍ତର୍ଗତ କାଇପଡ଼ା କାଶୀନାଥ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ପ୍ରଦାନ ଉତ୍ସବ ଅଧ୍ୟକ୍ଷ ପ୍ରମୋଦ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ବିଶ୍ୱରଞ୍ଜନ ମଲିକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ୍ଡି, ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ବିଶ୍ୱାଳ ଯୋଗଦେଇଥିଲେ। କପିଳ ଚରଣ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ପ୍ରଧାନ, ସନ୍ତୋଷ କୁମାର ସାମଲ, ଦିଲୀପ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ସମିର ମଲିକ, ପ୍ରସନ୍ନ କୁମାର ସାମଲ, କଲେଜ ପ୍ରତିଷ୍ଠାତା ସ୍ୱର୍ଗତ କାଶୀନାଥ ଜେନାଙ୍କ ପୁତ୍ର ଦିଲୀପ ଜେନା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଅବସରପ୍ରାପ୍ତ କର୍ମଚାରୀ ସର୍ବେଶ୍ୱର ପରିଡ଼ା, ଉମେଶ ଚନ୍ଦ୍ର ଦାସ, ଉର୍ମିଳା ଜେନା, ଦେବବ୍ରତ ପତି, ଦିଲୀପ ସାମଲ, ପ୍ରତାପ ଚନ୍ଦ୍ର ଦାସ, ଅଧ୍ୟାପକ କପିଳ ଚରଣ ମହାନ୍ତି, କିଶୋର କୁମାର ସାହୁ ପିଏଚ୍ଡି ହାସଲ କରିଥିବାରୁ ମୁଖ୍ୟ ଅତିଥି ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନକରି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବାର୍ଷିକ କ୍ରୀଡ଼ାରେ ଚାମ୍ପିୟନ ହୋଇଥିବା ସ୍ୱାତୀ ମହାକୁଡ଼, ତ୍ରିଦିପ ଜେନା, କୌଶଲ୍ୟା ଦାସ ଓ ଆଶୁତୋଷ ପରିଡ଼ାଙ୍କ ସମେତ ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଯୁଧିଷ୍ଠିର ସାହୁ, ଦେବବ୍ରତ ପତିଙ୍କ ସମେତ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଜନ ଆରୋଗ୍ୟ ସମିତି ବୈଠକ

ରସୁଲପୁର,୨।୧(ରଂଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ପରିଚାଳିତ ବ୍ରହ୍ମବରଦା ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରରେ ଏକ ଜନ ଆରୋଗ୍ୟ ସମିତି ବୈଠକ ଜିଲାପରିଷଦ ସଦସ୍ୟା ଭାରତୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରଶ୍ମିରଞ୍ଜନ ପଶାୟତ ଯୋଗଦେଇ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର ଦ୍ୱାରା ସୁ-ସ୍ୱାସ୍ଥ୍ୟସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ରର ଉନ୍ନୟନ ଓ ସ୍ୱାସ୍ଥ୍ୟସେବାକୁ ନିକଟତର କରିବା ପାଇଁ ପ୍ରସ୍ତୁତ ବଜେଟ ଏବଂ ତାର ରୂପରେଖକୁ ନେଇ ସମୀକ୍ଷା କରାଯାଇଥିଲା। ଆରୋଗ୍ୟ କେନ୍ଦ୍ର ନିକଟରେ ଜନସାଧାରଣଙ୍କ ନିମନ୍ତେ ଏକ ଶୌଚାଳୟ ନିର୍ମାଣ ନିମନ୍ତେ ପ୍ରସ୍ତାବ ଆଗତ ହୋଇଥିଲା। ଏ ଦିଗରେ ଜିଲାପରିଷଦ ସଦସ୍ୟାଙ୍କ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯାଇ ଶୌଚାଳୟ ନିର୍ମାଣ ହେବ ବୋଲି କୁହାଯାଇଥିଲା। ବୈଠକରେ ସମ୍ମାନିତ ଅତିଥି ଭାବେ ଡା. ବସନ୍ତ କୁମାର ପଣ୍ଡା, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ପି. ସୂର୍ଯ୍ୟକାନ୍ତ, ଡା. ମିର୍ଜା ହୁସେନ ବେଗ୍, ଡା. ସୌଦାମିନୀ ଦ୍ୱିବେଦୀ, ଫାର୍ମାସିଷ୍ଟ କଳ୍ପତରୁ ରଥ, ନର୍ସିଂ ଅଫିସର ନିର୍ମଳା ଟୋପ୍ପୋ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହିସାବ ପ୍ରବନ୍ଧକ ମଧୁସୂଦବ ଦାସ ଧନ୍ୟବାଦ ଦେଇଥିଲେ।


ଜନ ଆରୋଗ୍ୟ ସମିତି ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

### ବ୍ୟବସାୟୀଙ୍କ ପରଲୋକ

ବ୍ରହ୍ମବରଦା,୨।୧(ଯଯାତି କେଶରୀ ବେହେରା):

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ଡିଆସାହି ଗ୍ରାମର ବ୍ୟବସାୟୀ ତଥା ସମାଜସେବୀ ପରମାନନ୍ଦ ସାହୁ(୮୬)ଙ୍କ ପରଲୋକ ହୋଇଯାଇଛି। ଗତ ମଙ୍ଗଳବାର ଅପରାହ୍ନରେ ସେ ଘରେ ଥିବା ସମୟରେ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରସାରିତ ହେବା ଫଳରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସାହୁ ଜଣେ ପରୋପକାରୀ, ମିଷ୍ଟଭାଷୀ, ସଚ୍ଚୋଟ ଓ ସଫଳ ବ୍ୟବସାୟୀଭାବେ ବ୍ରହ୍ମବରଦା ଅଞ୍ଚଳରେ ପରିଚିତ ଥିଲେ। ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ସାହୁଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ସମଗ୍ର ଗ୍ରାମ, ମୁଖ୍ୟବଜାର ସହ ବ୍ରହ୍ମବରଦା କଲେଜକୁ ନିଆଯାଇଥିଲା। ସେଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ଅଜୟ ମୁଖାଗ୍ନି ଦେଇଥିଲେ।

### ଦୁର୍ଘଟଣାରେ ଜଣେ ମୃତ

ପାଣିକୋଇଲି,୨।୧(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ ଆରମ୍ଭରେ ବୁଧବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟ ପହଞ୍ଚି ରାଜପଥ ଆମ୍ବୁଲାନ୍ସ ଯୋଗେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯାଜପୁର ସଦର ମହକୁମା ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରିଚୟ ମିଳି ନ ଥିବାରୁ ୭୨ ଘଣ୍ଟା ପରେ ହେଲପିଂ ଗ୍ରୁପ ପକ୍ଷରୁ ମୃତଦେହ ସତ୍କାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ସଭାପତି ଅଶୋକ ଦାସ କହିଛନ୍ତି।

# ଟବାକୋମୁକ୍ତ ଶିକ୍ଷାନୁଷ୍ଠାନ ଗଠନ ଉପରେ ଗୁରୁତ୍ୱ



ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସ୍ୱାସ୍ଥ୍ୟ କର୍ମୀ ଓ ଅନ୍ୟମାନେ।

### ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ

ରସୁଲପୁର,୨।୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅଧୀନ ବନ୍ଧଡ଼ିହ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟବାକୋମୁକ୍ତ ଶିକ୍ଷାନୁଷ୍ଠାନ ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଛି। ମୁଖ୍ୟଅତିଥିଭାବେ ଡା. ବସନ୍ତ ପଣ୍ଡା ଯୋଗଦେଇ ବିଦ୍ୟାର୍ଥୀ ଟବାକୋ ସେବନରୁ ନିଜକୁ ଦୂରେଇ ରଖିବା ସହ ସାମାଜକୁ ଟବାକୋମୁକ୍ତ ପାଇଁ ସଚେତନତା ସୃଷ୍ଟି କରିବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ନିକଟରେ କୌଣସି ନିଶାଦ୍ରବ୍ୟ କାରବାରକୁ ନିଷିଦ୍ଧ କରିବା ଦିଗରେ ଦୃଢ଼ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବରେ ସହକାରୀ ଶିକ୍ଷାଧିକାରୀ ଡ. ପ୍ରଭଞ୍ଜନ ପତି, ଶିକ୍ଷକ ଓ ବିଦ୍ୟାର୍ଥୀ ଯୋଗଦେଇ ବିଦ୍ୟାଳୟରେ ଟବାକୋମୁକ୍ତ ପରିବେଶ ଗଠନ କରିବାକୁ ସଂକଳ୍ପ ନେଇଥିଲେ। ବିଦ୍ୟାର୍ଥୀଙ୍କୁ ନେଇ ଟବାକୋ ଓ ତା'ର କୁପ୍ରଭାବ ସମ୍ପର୍କିତ ବିଷୟବସ୍ତୁ ଉପରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷାନୁଷ୍ଠାନକୁ ଟବାକୋ ମୁକ୍ତ କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା। କମିଟିରେ ବିଦ୍ୟାଳୟର ବିଜ୍ଞାନ ବିଭାଗର ଶିକ୍ଷକ, ଏନ୍ସିସି, ସ୍କାଉଟ୍ ଗାଇଡ ଆଦି ବିଭାଗରୁ ଜଣେ ଲେଖାଏ ବିଦ୍ୟାର୍ଥୀ, ଜଣେ ଲୋକ ପ୍ରତିନିଧି, ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ଥାନ ଦିଆଯାଇଥିଲା। ଆସନ୍ତା ଦିନରେ ବିଦ୍ୟାଳୟଗୁଡ଼ିକ ଟବାକୋ ମୁକ୍ତ କରାଇବାରେ କେତେ ବ୍ରତୀ ହେଉଛନ୍ତି ତାକୁ ନେଇ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇ ସାର୍ଟିଫିକେଟ୍ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଟବାକୋ ମୁକ୍ତ ବିଦ୍ୟାଳୟ ଗଠନ ନେଇ ଏକ ସଚେତନା ଶୋଭାଯାତ୍ରା ବିଦ୍ୟାର୍ଥୀଙ୍କୁ ନେଇ ଗାଁ ପରିକ୍ରମା କରିଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ଅନ୍ୟଶିକ୍ଷକମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ପାଣିକୋଇଲି,୨।୧(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ରାସ୍ତାରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋଳେଇପୁର ପଞ୍ଚାୟତ ସୋତି ବାଗୁଲ ଗ୍ରାମର ଗଗନ ମଳିକଙ୍କ ପୁଅ ମନମୋହନ ମଳିକ(୨୨)। ସେ ଏକ ବାଇକ ଯୋଗେ ଘରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ଟ୍ରାକ୍ଟର ସହ ଧକ୍କା ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣାପରେ ଟ୍ରାକ୍ଟର ଫେରାର ହୋଇଯାଇଛି। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଟାଟାଷ୍ଟିଲ ପକ୍ଷରୁ ମାଙ୍କେଡ଼ିଆ ବସ୍ତିରେ ନୂଆବର୍ଷ ପାଳିତ

କାଳିଆପାଣି,୨।୧(ଅସିତ ମହାନ୍ତ):

ଟାଟାଷ୍ଟିଲ ଫାଉଣ୍ଡେଶନ(ଟିଏସ୍ଏଫ) ପକ୍ଷରୁ ସୁକିନ୍ଦାର କଲରଙ୍ଗିଅତାରେ ଥିବା ମାଙ୍କେଡ଼ିଆ ବସ୍ତିରେ ନୂଆବର୍ଷ ପାଳନ କରାଯାଇଛି। ଏଥିରେ ବସ୍ତିର ୧୦୦ ପିଲାଙ୍କ ସମେତ ପାଖାପାଖି ୨୦୦ ଲୋକ ଅଂଶଗ୍ରହଣ କରିଥିଲେ। ଟାଟା ଷ୍ଟିଲ ଫେରୋ ଆଲଏଜ ଓ ମିନେରାଲସ ଡିଭିଜନ (ଏଫ୍ଏଏମଡି)ର ଏକ୍ଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା, ଏଫ୍ଏଏମ୍ଡି ଖଣି ମୁଖ୍ୟ ଶମ୍ଭୁନାଥ ଝା, ଏଫ୍ଏଏମଡି ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାରଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତଥିଲେ। ସ୍ଥାନୀୟ ପରମ୍ପରା, ସଂସ୍କୃତି ଓ ସମୃଦ୍ଧ ଐତିହ୍ୟକୁ ସମ୍ମାନ ଜଣାଇ ପାରମ୍ପରିକ ନୃତ୍ୟ ପରିବେଷଣ କରାଯିବା ସହ କେକ୍ କଟାଯାଇ ନୂଆ ବର୍ଷକୁ ସ୍ୱାଗତ କରାଯାଇଥିଲା। ପଙ୍କଜ ସତିଜା ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇ କହିଥିଲେ, ଆମ ସଂସ୍କୃତି, ଆମପରମ୍ପରା ହେଉଛି ଆମର ସମ୍ବଳ। ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଧୁନିକ ସୁଯୋଗକୁ ଗ୍ରହଣ କରିବା ସହ ସେହି ପରମ୍ପରାକୁ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ରଖିଥିଲେ।


ନୂଆବର୍ଷ ପାଳନ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନର ଅଧିକାରୀ ଓ ଅନ୍ୟମାନେ।

# ଚଣ୍ଡିଖୋଲରେ ସଡ଼କ ସୁରକ୍ଷା ସପ୍ତାହ ଶୁଭାରମ୍ଭ

ଚଣ୍ଡିଖୋଲ,୨।୧(ପ୍ରଦୀପ୍ତ କୁମାର ପୃଷ୍ଟି):

ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହର ଗୁରୁବାର ଶୁଭାରମ୍ଭ କରାଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ସମ୍ମିତ କୁମାରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯାଜପୁର ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବହନ ବିଭାଗର ଡେପୁଟି କମିଶନର ସମୀର କୁମାର ଦଳେଇ, ବଡ଼ଚଣା ଥାନା ଅଧିକାରୀ ଅସିତ ବଳବନ୍ତରାୟ, ଛତିଆ ଭାରି ଯାନ ଚାଳକ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ହରି କୁମାରଙ୍କ ସମେତ ମହାବିନାୟକ ଲଘୁ ଖଣିଜ ପରିବହନ ସଂଘ, ଚଣ୍ଡିଖୋଲ ଟ୍ରକ ଓ ବସ ମାଲିକ ସଂଘ କର୍ମକର୍ତ୍ତା ଯୋଗଦେଇ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହ ସଚେତନ କରାଇଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ନାଟକ ପରିବେଷଣ କରାଯାଇଥିଲା। ଚାଳକମାନଙ୍କୁ ସଚେତନ କରାଇବା ପାଇଁ ଏକ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସଡ଼କ ଦୁର୍ଘଟଣା ହାର ଯେପରି ବଢ଼ି ବଢି ଚାଲିଛି ସେ ଦିଗରେ ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା।


ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଅଧିକାରୀମାନେ ଶପଥ ନେଉଛନ୍ତି।

# ଜଳ ପରିଚାଳନା, ନିଷ୍କାସନରେ ବାଧା

- ଉଜୁଡ଼ିଗଲା ୭ ହଜାର ହେକ୍ଟର ଚାଷ
- ପୋତି ହୋଇଗଲାଣି ବ୍ରିଟିଶ ଅମଳର ଜଳ ନିଷ୍କାସନ ପଥ
- ନୟନଯୋରୀ ଜବରଦଖଲ



ପଟ୍ଟାମୁଣ୍ଡାଇ, ୨୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଚାଷୀଙ୍କ ଭାତହାଣ୍ଡିକୁ ଅଦିନିଆ ବର୍ଷା ଉଜାଡ଼ି ଦେଇଛି। ବର୍ଷା ଛାଡ଼ି ଯାଇଥିଲେ ମଧ୍ୟ କ୍ଷେତରୁ ଆଜି ପର୍ଯ୍ୟନ୍ତ ପାଣି ଶୁଖିନି। ବର୍ଷା ଜଳ ନିଷ୍କାସନ ପଥଗୁଡ଼ିକୁ ବିଭିନ୍ନ ସ୍ଥାନରେ ଜବରଦଖଲ ହୋଇଥିବାରୁ ଚାଷ ଜମିଗୁଡ଼ିକରେ ବର୍ଷା ପାଣି ଲହଡ଼ି ମାରୁଛି। ବର୍ଷା ପାଣିରେ ଧାନ ବୁଡ଼ି ରହିଥିବାରୁ ଗଜା ବାହାରି ଗଲାଣି। ଜଳ ପ୍ରବେଶ ଓ ନିଷ୍କାସନର ସୁପରିଚାଳନା ନେଇ ଚାଷୀମାନେ ବର୍ଷବର୍ଷ ଧରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସରକାରୀ କଳର ମନମାନି ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା ହୋଇପାରିନାହିଁ। ହେଲେ ଚାଷୀଙ୍କ ଉଜୁଡ଼ା ଫସଲକୁ ନେଇ ସରକାରୀ ଓ ବିରୋଧୀଙ୍କ ମଧ୍ୟରେ ଟେକା ପକାପକି ଚାଲିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବୁଦ୍ଧିଜୀବୀ ବିଜୟ ଦାସ କହିଛନ୍ତି, ପୂର୍ବ ୨୪ ବର୍ଷର ମୁଖ୍ୟମନ୍ତ୍ରୀ ଏବେକାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗତ ୨ ଦିନ ତଳେ ପଟ୍ଟାମୁଣ୍ଡାଇ ଗସ୍ତରେ ଆସି ଉଜୁଡ଼ା ଫସଲକୁ ନେଇ ସମୀକ୍ଷା କରିଥିଲେ। ସେହିପରି ଶାସକ ଦଳ ନେତାମାନେ ମଧ୍ୟ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରୁଛନ୍ତି। ହେଲେ ଚାଷୀଙ୍କ ସମସ୍ୟା ପ୍ରତି କାହାର ନଜର ରହୁନାହିଁ। ବିଜେଡି ସରକାରର ୨୪ ବର୍ଷ ଶାସନ ସମୟରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜଳ ନିଷ୍କାସନ ଓ ପରିଚାଳନା ଠିକ୍ ଭାବେ ହୋଇ ନ ଥିଲା। ଏଥିଯୋଗୁ ଜବରଦଖଲ ବଢ଼ି ଚାଲିଥିଲା। ଏପରିକି ଜଳ ନିଷ୍କାସନ ପଥ ପୋତି ହୋଇଗଲା। ୨୦୧୮ ପଟ୍ଟାମୁଣ୍ଡାଇ ସଂଲଗ୍ନ ଗୋବରୀ ସମ୍ପ୍ରସାରିତ କେନାଲକୁ ସଙ୍କୁଚିତ କରି ଦିଆଗଲା। ବ୍ରିଟିଶ ସରକାର ସମୟରୁ ହୋଇଥିବା ଜଳ ନିଷ୍କାସନ ପଥ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ବର୍ଷା ସମୟରେ ଉଦ୍‌ବୃତ୍ତ ଜଳ ଚାଷ ଜମିରୁ ନିଷ୍କାସନ ହୋଇପାରୁନାହିଁ। ଫଳରେ ଏଭଳି ବର୍ଷ ବର୍ଷ ଧରି ଘଟୁଛି ବୋଲି ଚାଷୀକୁଳ ଅଭିଯୋଗ ଉଠାଇଛନ୍ତି। ଲଗାଣବର୍ଷାରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରାୟ ୭ ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇପଡ଼ିଛି। କୃଷକ ନେତା ପ୍ରକାଶ ମହାନ୍ତି କହିଛନ୍ତି, ଅଞ୍ଚଳରେ ଯେଉଁ ଜଳ ନିଷ୍କାସନ ପଥ ରହିଛି ସେଗୁଡ଼ିକ ଡ୍ରେନେଜ କଟ୍ ବିଭାଗର ଅପାରଗତା ପାଇଁ ପୋତି ହୋଇଯାଇଛି। ଉକ୍ତ ପଥ ଦେଇ ଏବେ ଜଳ ପ୍ରବେଶ କି ନିଷ୍କାସନ ହୋଇପାରୁନାହିଁ। ପ୍ରତ୍ୟେକ ବର୍ଷ ଡ୍ରେନେଜ କଟ୍ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇ ଅର୍ଥ ବ୍ୟୟ ହେଉଛି। ମାତ୍ର ସେସବୁ ପ୍ରକଳ୍ପ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଏଥିଯୋଗୁ ବର୍ଷା ଜଳ ନିଷ୍କାସନରେ ବାଧା ଉପୁଜି ଫସଲହାନି ଘଟୁଛି।

ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ-ରାଜନଗର ତଳ ରାସ୍ତା ଉଭୟପାର୍ଶ୍ୱରେ ଥିବା ନୟନଯୋରି ଓ କେନାଲକୁ ପୋତି ତାହା ଉପରେ କେତେଜଣ ଲୋକ ଘର କରି ଦେଇଛନ୍ତି। ସେହିପରି ଜଳସେଚନ ବିଭାଗର ୩୦୦ ଏକରରୁ ଅଧିକ ନୟନଯୋରି ଜବରଦଖଲ ହୋଇଛି। ଫଳରେ ଏହାର ପଛପଟରେ ଥିବା ଚାଷକ୍ଷେତକୁ ପାଣି ପ୍ରବେଶ ଓ ନିଷ୍କାସନ ବାଧା ଉପୁଜି ଜମି ପଡ଼ିଆ ପଡୁଛି ଆଉ କେତେ ଜମି ଉଜୁଡି ଯାଇଛି। ଆଇନଜୀବୀ ପ୍ରଭାତ ବେରା କହିଛନ୍ତି, ନୟନଯୋରି ବା କେନାଲ କିସମ ସରକାରୀ ଜମି କୌଣସି ପରିସ୍ଥିତିରେ କାହାରି ହାତକୁ ଟେକି ଦିଆଯାଇପାରିବ ନାହିଁ। ଏହି ଜମିର କିସମ ମଧ୍ୟ ବଦଳି ପାରିବ ନାହିଁ। ଯଦି ସେ ସ୍ଥାନରେ କୌଣସି କେନାଲ ବା ଜଳାଶୟ ନ ଥାଏ ଏବଂ କୌଣସି ସରକାରୀ ଭିତ୍ତିଭୂମି ବିକାଶ ପାଇଁ ଆବଶ୍ୟକତା ପଡ଼େ, ତେବେ ଆର୍‌ଡିସିଙ୍କ ଅନୁମୋଦନ ପରେ ନୟନଯୋରି କିସମକୁ ବଦଳା ଯାଇପାରିବ। କିନ୍ତୁ କୌଣସି ପରିସ୍ଥିତିରେ ବ୍ୟକ୍ତିଗତ ଭାବେ କାହାକୁ ଲାଭ ଦେବା ପାଇଁ ଜମିର କିସମ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ରାଜସ୍ୱ ବିଭାଗର ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ହେଲେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆର୍‌ଡିସିଙ୍କ ବିନା ଅନୁମତିରେ ଚାରିଆଡ଼େ ନୟନଯୋରି, ଜଳାଶୟ, କେନାଲ ପୋତି କିସମ ପରିବର୍ତ୍ତନ କରି ଆଇନକୁ ଉପେକ୍ଷା କରାଯାଇ ବିଭିନ୍ନ ଜାଗାରେ ଏପରି ଜବରଦଖଲ ହୋଇ ଘରବାରି ଗଢ଼ି ଉଠୁଛି। ଫଳରେ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନରେ ବାଧା ଉପୁଜି ଫସଲହାନି ଘଟୁଛି। ଏ ସମ୍ପର୍କରେ ତହସିଲଦାର ପଞ୍ଚାନନ ନାୟକଙ୍କୁ ପଚାରିବାରେ ଯଦି ଏଭଳି କିଛି ହୋଇଥାଏ, ତେବେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଦିଲ୍ଲୀ ଗଣତନ୍ତ୍ର ଦିବସ ପାଇଁ କମଳା ମହାରଣାଙ୍କୁ ନିମନ୍ତ୍ରଣ



ଏକ ନିର୍ବାଚନୀ ମିଟିଂରେ ପ୍ରଧାନମନ୍ତ୍ରୀ ମୋଦି କମଳାଙ୍କ ଗୋଡ଼ ଛୁଇଁ ପ୍ରଣାମ ଜଣାଉଛନ୍ତି।

କେନ୍ଦ୍ରାପଡ଼ା, ୨୧ (ଜଗନ୍ନାଥ ଧଳ)

ବର୍ଜ୍ୟବସ୍ତୁରୁ ଘରକରଣା ସାମଗ୍ରୀ ନିର୍ମାଣକାରୀ ମହିଳା କେନ୍ଦ୍ରାପଡ଼ା ଜିଲାର କମଳା ମହାରଣା ଆସନ୍ତା ଗଣତନ୍ତ୍ର ଦିବସରେ ଦିଲ୍ଲୀ ଉତ୍ସବରେ ଯୋଗ ଦେବେ। ସାଙ୍ଗରେ ତାଙ୍କ ପୁଅ ମହେନ୍ଦ୍ର ରହିବେ। କମଳାଙ୍କୁ ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିମନ୍ତ୍ରଣ ମିଳିଛି। ଏଥିସହ ଏହି ୨ ଜଣଙ୍କ ଯାତାୟାତ ପାଇଁ କେନ୍ଦ୍ର ସରକାର ବିମାନ ଟିକେଟ ବ୍ୟବସ୍ଥା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୯୮ତମ ମନ୍ କୀ ବାତ କାର୍ଯ୍ୟକ୍ରମରେ କମଳାଙ୍କ କାରିଗରି ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ୨୦୨୪ ମେ ୨୯ରେ ପ୍ରଧାନମନ୍ତ୍ରୀ ମୋଦି ନିର୍ବାଚନ ପ୍ରଚାର ପାଇଁ କେନ୍ଦ୍ରାପଡ଼ା ଗସ୍ତରେ ଆସି କମଳାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। ୨୦୧୬ରୁ କମଳା ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଚଳାଇ ଆସୁଛନ୍ତି। ଆରମ୍ଭରେ ଏହି ଗୋଷ୍ଠୀରେ ଅଳ୍ପସଂଖ୍ୟକ ମହିଳା ପ୍ଲାଷ୍ଟିକ, କାର୍ଡବୋର୍ଡର ବର୍ଜ୍ୟବସ୍ତୁ ସଂଗ୍ରହ କରି ଘରକରଣା ସାମଗ୍ରୀ ନିର୍ମାଣ କରୁଥିଲେ। ତେବେ ଏହି ଗୋଷ୍ଠୀରେ ମହିଳା ସଦସ୍ୟଙ୍କ ସଂଖ୍ୟା ୫୦ରୁ ଅଧିକ ହୋଇ ନାରୀ ସଶକ୍ତୀକରଣର ଉଦାହରଣ ପାଲଟିଛି। ଏ ସମ୍ପର୍କରେ କମଳାଙ୍କୁ ପଚାରିବାରେ ଗ୍ରାମାଞ୍ଚଳର ଅର୍ଥନୀତିରେ ମହିଳାଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଉପଯୁକ୍ତ ତାଲିମ, ସମୟ, ଭିତ୍ତିଭୂମି ଅଭାବରୁ ଅଧିକ ଅର୍ଥ ଯୋଗାଡ଼ ଏକ କଷ୍ଟକର ବ୍ୟାପାର। ମାତ୍ର ଗୋଷ୍ଠୀ ଦ୍ୱାରା ଏହି ସାମୂହିକ ମହିଳାଙ୍କ ବିକାଶ ହୋଇପାରିବ। ପରିତ୍ୟକ୍ତ ପ୍ଲାଷ୍ଟିକ, କାର୍ଡବୋର୍ଡ ଆଦି ସଂଗ୍ରହ କରିବା ପରେ ଏଥିରେ ବାସ୍କେଟ, ପେନ୍ ଷ୍ଟାଣ୍ଡ, ବିଞ୍ଚଣା, ଫୁଲଦାନୀ ଆଦି ଘରକରଣା ସାମଗ୍ରୀ ଏହି ଗୋଷ୍ଠୀ ନିର୍ମାଣ କରୁଛି। ତେବେ ଆମ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ମୋଦି ମନ୍ କୀ ବାତ କାର୍ଯ୍ୟକ୍ରମରେ ପ୍ରଚାର କରିବା ପରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହୋଇଥିଲା। ପୂର୍ବରୁ ତାଙ୍କୁ କବାଡ଼ିବାଲି ବୋଲି ଲୋକମାନେ କହୁଥିଲେ। ଏବେ ଗଣତନ୍ତ୍ର ଦିବସ ଉତ୍ସବରେ ସାମିଲ ହେବାକୁ ନିମନ୍ତ୍ରଣ ମିଳିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପୁନର୍ବାର ସ୍ୱଚକ୍ଷୁରେ ଦେଖିବା ସମ୍ଭବ ହେବ ବୋଲି ସେ କହିଛନ୍ତି।

## ନଦୀରେ ବୁଡ଼ି ଯୁବକ ମୃତ

### ଭୋଜି କରିବାକୁ ଦେବୀନଦୀ ପଠାକୁ ଯାଇଥିଲେ

ନାଉଗାଁ, ୨୧ (ସୁଧା ବେହୁରା)

ନାଉଗାଁ ଥାନା ଗଜରାଜପୁର ପଞ୍ଚାୟତ ଅନ୍ତର୍ଗତ ତୁମ୍ବେଶ୍ୱର ନିକଟସ୍ଥ ଦେବୀନଦୀ କୂଳରେ ଭୋଜି କରିବାକୁ ଯାଇଥିବା ଜଣେ ଯୁବକ ଗୁରୁବାର ନଦୀରେ ବୁଡ଼ିଯାଇଛନ୍ତି।



ଫଳରେ ତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଥାନା ଅଧୀନ ଗଉଡ଼ୁଣୀ ପଡ଼ିଆ (ପଦ୍ମପୁର ନାଥ ସାହି) ଗ୍ରାମର ସୁରେଶ ନାଥଙ୍କ ଏକମାତ୍ର ପୁଅ ସ୍ନେହାଶିଷ ନାଥ(୨୨)। ବୁଧବାର ତାଙ୍କ ଜନ୍ମଦିନ ଥିଲାବେଳେ ଗୁରୁବାର ସାଙ୍ଗମାନଙ୍କ ସହ ମିଶି ତୁମ୍ବେଶ୍ୱର ଗ୍ରାମ ନିକଟସ୍ଥ ଦେବୀନଦୀ ପଠାକୁ ଭୋଜି କରିବାକୁ ଯାଇଥିଲେ। ସେଠାରେ ନଦୀପଠାରେ ବୁଲୁଥିବା ବେଳେ ସ୍ନେହାଶିଷ ହଠାତ ନଦୀ ଭିତରକୁ ଖସି ପଡ଼ିଥିଲେ। ନିକଟରେ ଥିବା ସାଙ୍ଗମାନେ ଏହା ଦେଖି ଡାକ ପକାଇଥିଲେ। ଖବରପାଇ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ସ୍ନେହାଶିଷଙ୍କୁ ଖୋଜାଖୋଜି କରି ବାହାର କରିବା ସହ ନାଉଗାଁ ଅଗ୍ନିଶମ ବାହିନୀ ସହାୟତାରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ସେମିରେ ନୃସିଂହନାଥ କ୍ରିକେଟ କ୍ଲବ୍, ଭାମଣ୍ଡା



ଅତିଥିମାନେ ୨ ଦଳର ଖେଳାଳିଙ୍କ ସାଙ୍ଗରେ ମିଶୁଛନ୍ତି।

ରାଜକନିକା, ୨୧ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

### ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ରାଜକନିକା ବ୍ଳକ ଡାଳିକାଏନ୍ଦା ଖେଳ ପଡ଼ିଆରେ ଆୟୋଜିତ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଆନୁକୂଲ୍ୟରେ ତଥା ମୁମ୍ବାଇ ଗୁରୁ ବ୍ରଦର୍ସ ପ୍ରାୟୋଜିତରେ ୪୯ତମ ଆନ୍ତଃ ଜିଲାସ୍ତରୀୟ ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ନୃସିଂହନାଥ କ୍ରିକେଟ୍ କ୍ଲବ, ଭାମଣ୍ଡା ବନାମ ଇନ୍ଦୁପୁର କ୍ରିକେଟ୍ କ୍ଲବ, କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇନ୍ଦୁପୁର ଟିମ୍ ଟସ ଜିଣି ଭାମଣ୍ଡା ଟିମ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରୁଥିଲା। ଭାମଣ୍ଡା ଟିମ ନିର୍ଦ୍ଧାରିତ ୨୦ ଓଭର ୮ ଉଇକେଟ ହରାଇ ୨୦୮ରନ କରିଥିଲା। ଜବାବରେ ଇନ୍ଦୁପୁର ଟିମ୍ ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ତେବେ ପ୍ରଥମ ଟିମ୍ ଭାବେ ନୃସିଂହନାଥ କ୍ରିକେଟ୍ କ୍ଲବ, ଭାମଣ୍ଡା ସେମିଫାଇନାଲରେ ପ୍ରବେଶ କରିଛି। ଯୁବକ ସଂଘର କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ସିକୋ ପଞ୍ଚାୟତ ସରପଞ୍ଚ ଗଙ୍ଗାଧର ବେହେରା, ସମିତି ସଭ୍ୟ ଅମିତ ନାୟକ, ଗାଁ ମୁରବୀ ପିତାମ୍ବର ଜେନା, ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ବେହେରା ଓ ବାସୁଦେବ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ୪୧ ବଲରେ ୫୬ ରନ ସଂଗ୍ରହ କରିଥିବା ଏବଂ ୪ ଓଭର ବୋଲିଂ କରି ୧୭ ରନ ଦେଇ ୧ ଉଇକେଟ ହାସଲ କରିଥିବା ବିଜେତା ଟିମର ଖେଳାଳି ନିଲୁ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଅମ୍ପାଆର ଭାବେ ନିଗମାନନ୍ଦ ବେହେରା ଓ ପ୍ରକାଶ ସାହୁ ଖେଳ ପରିଚାଳନା କରିଥିବାବେଳେ, ଯୁବକ ସଂଘର ସଭାପତି ପ୍ରମୋଦ ରାଉତ, ସମ୍ପାଦକ ସରୋଜ କୁମାର ବେହେରା ଓ ବିଶ୍ୱାମିତ୍ର ଜେନା, ସଂଯୋଜକ ଗଙ୍ଗାଧର ପାଗଳ, ପ୍ରକାଶ ବେହେରା, ଅଜିତ ଗୁରୁ, ପ୍ରଶାନ୍ତ ମହଲା, ଉକେଶ ବେହେରା, ପ୍ରିତମ ସ୍ୱାଇଁ, ପ୍ରିତିରାଜ ବେହେରା, ଅମିତ ବିଶ୍ୱାଳ, ବିଜୟ ବେହେରା ଓ ହିମାଂଶୁ ଜେନାଙ୍କ ସମେତ ଯୁବକ ସଂଘର ସମସ୍ତ ସଭ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରାର୍ଥୀପତ୍ର ଯାଞ୍ଚରେ ୩ କାଏମ, ୧ ନାକଚ

### ବଡ଼ପଡ଼ା ସରପଞ୍ଚ ଉପନିର୍ବାଚନ

ପଟ୍ଟାମୁଣ୍ଡାଇ, ୨୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା ପଞ୍ଚାୟତ ଉପନିର୍ବାଚନ ପାଇଁ ବୁଧବାର ଶେଷଦିନରେ ୪ଜଣ ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେମାନେ ହେଲେ ଅନନ୍ୟା ଶୁଭସ୍ମିତା ସେଠୀ, ଜ୍ୟୋତ୍ସ୍ନାରାଣୀ ସେଠୀ, ଲିଲା ମଲିକ ଓ ମମତା ମଲିକ। ତେବେ ଗୁରୁବାର ପ୍ରାର୍ଥୀପତ୍ର ଯାଞ୍ଚ ବେଳେ ମମତା ମଲିକଙ୍କ ପ୍ରାର୍ଥୀପତ୍ର ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନାକଚ ହୋଇଯାଇଛି ବୋଲି ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ଶୁଭାଂଶୁ ସାହୁ ପ୍ରକାଶ କରିଛନ୍ତି।

## ସ୍ତମ୍ଭକାର ଦିବାକର ବିଶ୍ୱାଳ ଶ୍ରାଦ୍ଧବାର୍ଷିକୀ

ପଟ୍ଟାମୁଣ୍ଡାଇ ୨୧ (କଳ୍ପତରୁ ନାୟକ)

ଓଡ଼ିଶାର ବିଶିଷ୍ଟ ସ୍ତମ୍ଭକାର ଦିବାକର ବିଶ୍ୱାଳଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ତଳବାଲିପଡ଼ାଠାରେ ଶରତ ଚନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଅନିରୁଦ୍ଧ ରାଉଳ, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର, ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ପୂର୍ବତନ ପ୍ରଶାସକ ଡ. କେଲୁଚରଣ ସ୍ୱାଇଁ, କବି ସଚିତ୍ର ବେହୁରା, ଶିକ୍ଷକ ନେତା ବିଜୟ ସାହୁ, ଶିକ୍ଷାବିତ୍ କସ୍ତୁରୀ ଚରଣ ସ୍ୱାଇଁ ଓ ସଂଘମିତ୍ରା ବିଶ୍ୱାଳ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଔଷଧ ଦୋକାନରେ ଡ୍ରଗ୍ କଣ୍ଟ୍ରୋଲ ଟିମ୍‌ର ଚଢ଼ାଉ

ମହାକାଳପଡ଼ା, ୨୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



- ୨୧ ପ୍ରକାର ଔଷଧର ବିଲ୍ ନାହିଁ
- ମାନ ପରୀକ୍ଷଣ ପାଇଁ ଭୁବନେଶ୍ୱର ଯିବ

ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଏକ ଔଷଧ ଦୋକାନରେ ଗୁରୁବାର ଅତିରିକ୍ତ ଡ୍ରଗ୍ କଣ୍ଟ୍ରୋଲର ସଞ୍ଜୟ କୁମାର ହାଁସଦାଙ୍କ ନେତୃତ୍ୱରେ ଟିମ୍ ଚଢ଼ାଉ କରିଛି। ଚଢ଼ାଉରେ ଦୋକାନରୁ ୨୧ ପ୍ରକାର ମେଡିସିନର ବିଲ୍ ନ ଥିଲା। ଦୋକାନର ଆବଶ୍ୟକ କାଗଜପତ୍ର ନ ଥିବା ଜାଣିବାକୁ ମିଳିଥିଲା। ବିଲ୍ ନ ଥିବା ୨୧ପ୍ରକାର ଔଷଧକୁ ଜବତ କରାଯାଇଛି। ଏହାର ମାନ ଯାଞ୍ଚ ପାଇଁ ଭୁବନେଶ୍ୱର ପରୀକ୍ଷଣ କେନ୍ଦ୍ରକୁ ପଠାଯିବ ବୋଲି କୁହାଯାଇଛି। ଏହି ଚଢ଼ାଉରେ ଜିଲା ଡ୍ରଗ୍ ନିରୀକ୍ଷକ ପ୍ରଦୀପ କୁମାର ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

ବ୍ଲକ ଅଞ୍ଚଳରେ କ୍ୱାକ୍, ଗାଁ ବୈଦ, ନକଲି ଡାକ୍ତର ଓ ବେଆଇନ ଭାବେ ଶତାଧିକ ଔଷଧ ଦୋକାନ ଏବଂ କ୍ଲିନିକ ଗଢ଼ିଉଠିଛି। ଅପରପକ୍ଷେ ନକଲି ଡାକ୍ତରଙ୍କ ଡିଗ୍ରୀ କି ଔଷଧ ଦୋକାନର ଫାର୍ମାସିଷ୍ଟଙ୍କ ପ୍ରମାଣ ପତ୍ର ନାହିଁ। ଔଷଧ ଦୋକାନ ସବୁ ସରକାରୀ ନିୟମକୁ ଫୁ କରି ବିଭିନ୍ନ ଛକ, ବଜାର ଗଳି କନ୍ଦିରେ ଖୋଲି ବ୍ୟବସାୟ ଚାଲିଛି। ଅଞ୍ଚଳର ତନ୍ତିଆପାଳ, ଜଗରିଜୋର ହାଟ, ବେଣାକନ୍ଧା ବଜାର, ସୁନିତି ଛକ, ଜମ୍ବୁ, ରାମନଗର, ଛପାଲି, ଖରିନାସୀ, ପିତାପାଟ, ବଡିଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ, କଜଳପାଟିଆ, ଟୁବି, ଦକ୍ଷିଣଖୋଲା, ଉତ୍ତରଖୋଲା, ବାବର, ବିଜୟନଗର, ମହାକାଳପଡ଼ା, ଓସ୍ତର, ତିଖିରୀ ଅଞ୍ଚଳରେ ବେଆଇନ ଔଷଧ ଦୋକାନ ଚାଲିଛି। ସେହିପରି ବଙ୍ଗୀୟ ପଞ୍ଚାୟତରେ ବହୁଳ ଭାବେ ବେଆଇନ ଔଷଧ ଦୋକାନ ଖୋଲିଛି। ଏ ନେଇ ଯାଜପୁର ସର୍କଲ ଅତିରିକ୍ତ ଡ୍ରଗ୍ କଣ୍ଟ୍ରୋଲର ହାଁସଦାଙ୍କୁ ପଚାରିବାରେ ଉପକୂଳ ଅଞ୍ଚଳରେ ବେଆଇନ ଔଷଧ ଦୋକାନଗୁଡ଼ିକ ଖୁବ୍‌ଶୀଘ୍ର ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି।

## ଛାତ୍ରୀଛାତ୍ରଙ୍କ ଉନ୍ନତିରେ ଦେଶର ପ୍ରଗତି



ବାର୍ଷିକ ଉତ୍ସରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପରସ୍କୃତ କରୁଛନ୍ତି।

ରାଜକନିକା, ୨୧ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

### କନିକା ରିଡିଂ ରୁମ୍‌ର ୨୯ତମ ବାର୍ଷିକ ଉତ୍ସବ

ରାଜକନିକା ବ୍ଲକ କନିକା ରିଡିଂ ରୁମ୍‌ର ୨୯ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ବିପିନ ବିହାରୀ ରାଉତଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଏହାକୁ ଅବସରପ୍ରାପ୍ତ ଶିକ୍ଷକ କାଳୀପ୍ରସାଦ ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷା ଅନୁନିରୀକ୍ଷକ ନରହରି ପାତ୍ର ଯୋଗଦେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ସ୍ଥାୟୀ ସଭାପତି କନିକା ତହସିଲଦାର ଅଶୋକ କୁମାର ଦେହୁରୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜକନିକା ବିଇଓ ନଳିନୀ ରଞ୍ଜନ ରାଉତରାୟ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱାରିକାନାଥ ସେନାପତି, ସମ୍ମାନିତ ଅତିଥି ଭାବେ ବିଚାରପତି କେନ୍ଦ୍ରାପଡ଼ା କୋର୍ଟରେ ରବୀନ୍ଦ୍ର ପ୍ରସାଦ ଜେନା ଓ କେନ୍ଦ୍ରାପଡ଼ା ଜିଲା ଇକୋ କ୍ଲବ ମାଷ୍ଟର ଟ୍ରେନର ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଉନ୍ନତିରେ ଦେଶର ପ୍ରଗତି ବୋଲି ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ, ସମ୍ପାଦକ ଗୋପୀନାଥ ଦାଶ ସମ୍ପାଦକୀୟ ପାଠ କରିଥିଲେ। ଏହି ଅବସରରେ ତରାସ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଓଝାଙ୍କୁ ଗୟାଧର ପାତ୍ର ସ୍ମୃତି ସମ୍ମାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପୀନାଥ ବିଶ୍ୱାଳଙ୍କୁ ସ୍ୱତନ୍ତ୍ର ସମ୍ମାନ ସହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ ଖଗେଶ୍ୱର ପଡ଼ିହାରୀଙ୍କୁ ନରହରି ପାଢ଼ୀ ସ୍ମୃତି ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସଭ୍ୟ ଦାମୋଦର ଧଳ ମାନପତ୍ର ପାଠ କରିଥିଲେ। ସେହିପରି ପୁରୀ ସମୁଦ୍ରରେ ବୁଡ଼ିଯାଉଥିବା ଯାଜପୁର ଜିଲାର ୩ ଜଣ କଲେଜ ଛାତ୍ରଙ୍କୁ ଉଦ୍ଧାର କରିଥିବା ସ୍ଥାନୀୟ ବରାଡିଆ ଗାଁର ୩ ଯୁବକ ସତ୍ୟବ୍ରତ ପରିଡା, ସୁଶାନ୍ତ କୁମାର ମାଝି, ଉମେଶ ଚନ୍ଦ୍ର ମାଝି ଓ ପରିବେଶ କ୍ଷେତ୍ରରେ ରାଉଳିଆ ଗାଁର ବିଶ୍ୱନାଥ ପଲାଇଙ୍କୁ ମଧ୍ୟ ଅତିଥିମାନେ ସମ୍ମାନିତ କରିଥିଲେ। ଏଥିରେ ୧୨ଟି ପ୍ରତିଯୋଗିତାରେ ୧୭୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୋଷାଧ୍ୟକ୍ଷ ଭାଗୀରଥି ରାଉତ ଓ ସୁବାସ ଚନ୍ଦ୍ର ରାଉତ ସମସ୍ତ କୃତୀ ପ୍ରତିଯୋଗୀଙ୍କ ପୁରସ୍କାର ପ୍ରଦାନରେ ସହଯୋଗ କରିଥିଲେ।

## ଚିନାବାଦାମ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

- ମିଳୁନି ସରକାରୀ ବାଦାମ ବିହନ
- ଚଢ଼ା ଦରରେ ବିହନ କିଣି ଚାଷ କରୁଛନ୍ତି

ରାଜକନିକା, ୨୧ (ସଞ୍ଜୟ କୁମାର ଦାଶ)



କ୍ଷେତ୍ରରେ ଚାଷ ହୋଇଥିବା ଚିନାବାଦାମ।

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ସିକୋ ପଞ୍ଚାୟତର ଡାଳିକାଏନ୍ଦା, ଭାରିଗଦା ପଞ୍ଚାୟତ ଓ ବରୁଣାଡ଼ିହା ପଞ୍ଚାୟତର ଚାଷୀ ମୁଖ୍ୟତଃ ଚିନାବାଦାମ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ଚାଷୀ ଧାର, କରଜ ଆଣି ବିଲ ହଳ କରି ସରକାରୀ ଚିନାବାଦାମ ବିହନକୁ ଅପେକ୍ଷା କରିଥିଲେ। ବିହନ ନ ମିଳିବାରୁ ହାତରୁ ଟଙ୍କା ଖର୍ଚ୍ଚ କରି ଚିନାବାଦାମ ବିହନ କିଣି ଚାଷ କରୁଛନ୍ତି। ପୂର୍ବରୁ ବ୍ଲକରେ ପାଖାପାଖି ୨ରୁ୩ଶହ ଏକର ଜମିରେ ଚାଷୀ ଚିନାବାଦାମ ଚାଷ କରୁଥିଲେ। ହେଲେ ବାରମ୍ବାର ସରକାରୀ ବିହନ ନ ମିଳିବାରୁ କେଜି ପ୍ରତି ୧୨୦ ଟଙ୍କା ଦରରେ ବିହନ କିଣି ଚାଷୀ ଚାଷ କରୁଛନ୍ତି। ଏହି ଚାଷ ନଭେମ୍ବର ଶେଷରୁ ଆରମ୍ଭ ହୋଇ ଡିସେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଚାଷୀ କାମ ସାରିଥାନ୍ତି।

ଭାରିଗଦା ପଞ୍ଚାୟତ ଝାରକଟା ଗାଁର ଚାଷୀ ବିଶ୍ୱନାଥ ପରିଡା, ଶରତ ଧଳ, ରମେଶ ଧଳ, ମିହିର କୁମାର ଦାସ, ସୁଦର୍ଶନ ସାହୁ, ଗୋପବନ୍ଧୁ ସାମଲ, ଶରତ ସାମଲ, ଦୁଃଶାସନ ଜେନା, ମାଧବାନନ୍ଦ ଧଳ, ବିଜୟକେତନ ସାହୁ, ଅମୂଲ୍ୟ କୁମାର ସାହୁ, ଗଜେନ୍ଦ୍ର ଜେନା ପ୍ରମୁଖ କହିଛନ୍ତି, ପଞ୍ଚାୟତରେ ଆଗରୁ ଶହେ ଏକର ଜମିରେ ଚିନାବାଦାମ ଚାଷ କରି ଆମ ବାପ ଜେଜେ ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଏବେ କୃଷି ବିଭାଗର ଉଦାସୀନତା ଯୋଗୁ ଚାଷରୁ ଚାଷୀ ମୁହଁ ଫେରାଇବାକୁ ବାଧ୍ୟ ହେଉଛନ୍ତି। ଚଳିତବର୍ଷ ଆମେ କୃଷି କାର୍ଯ୍ୟାଳୟକୁ ଚିନାବାଦାମ ବିହନ ପାଇଁ ଯାଇଥିଲୁ। ହେଲେ ଚିନାବାଦାମ ବିହନ ଆସୁନାହିଁ ବୋଲି କୃଷି ଅଧିକାରୀ କହିଥିଲେ। ହେଲେ ବିହନ ନ ମିଳିବାରୁ ବାହାରୁ ବିହନ କିଣି ୧୫ ଏକର ଚାଷ କରିଛୁ। ଯଦି ସରକାରୀ ସହାୟତା ମିଳିଥାନ୍ତା ତେବେ ଆହୁରି ଅଧିକ ଜମିରେ ଚାଷ କରିପାରିଥାନ୍ତୁ। ସେହିପରି ବରୁଣାଡ଼ିହା ପଞ୍ଚାୟତର ଚାଷୀ କୃଷି ବିଭାଗର ଉଦାସୀନତା ଯୋଗୁ ଚିନାବାଦାମ ଚାଷରୁ ଚାଷୀ ମୁହଁ ଫେରାଇ ନେଉଛନ୍ତି। ଚାଷୀ ସଞ୍ଜୟ ସାହୁ, ରଞ୍ଜନ ନାୟକ, ହୃଷୀକେଶ ନାୟକ, ରୂପକ ନାୟକ, ଦିଲ୍ଲୀପ ନାୟକ, ବନମାଳୀ ରାଉତ କହିଛନ୍ତି, ଆମ ପଞ୍ଚାୟତର ମୁଖ୍ୟ ହେଲା ଚିନାବାଦାମ ଚାଷ। ପାଖାପାଖି ୧୫୦ ଏକର ଜମିରେ ଆଗରୁ କେବଳ ଏହି ଚାଷ କରାଯାଉଥିଲା। ହେଲେ କୃଷି ବିଭାଗର ଉଦାସୀନତା ଯୋଗୁ ଧୀରେ ଧୀରେ ଚାଷ କମି କମି ଯାଉଛି। ବିଗତବର୍ଷରେ ବିହନ ମିଳିବା ବିଳମ୍ବ ଓ ଜମିରୁ ପାଗ ଛାଡ଼ି ଯିବା ଦେଖି କରଜ କରି ବିହନ କିଣି ଚାଷ କରିଥିଲୁ। ହେଲେ କୃଷି ବିଭାଗ ପକ୍ଷରୁ କିଛି ସହାୟତା ମିଳିଲାନି। ଭଲ ଫଳ ହେଲାନି, ଚାଷୀ କ୍ଷତି ସହିଲା ପରେ ମୁହଁ ଫେରାଇ ନେଇଛୁ। ସେହିପରି ସିକୋ ପଞ୍ଚାୟତର ଚାଷୀ ଭାଗୀରଥି ସ୍ୱାଇଁ, ଦାମୋଦର ସ୍ୱାଇଁ, ବିନୟ ଗୁରୁ, ବ୍ରହ୍ମାନନ୍ଦ ସ୍ୱାଇଁ କହିଛନ୍ତି, ବାଦାମ ଚାଷ କରି ପରିବାର ଆମେ ପ୍ରତିପୋଷଣ କରିଥାଉ। ହେଲେ କୃଷି ବିଭାଗ ପକ୍ଷରୁ ଆମକୁ ବିଗତ ବର୍ଷ ବିଳମ୍ବରେ ଚିନାବାଦାମ ବିହନ ମିଳିଲା। ଫଳରେ ଠିକ୍ ଭାବେ ଫଳ ହେଲା ନାହିଁ, ଚାଷୀ କ୍ଷତି ସହିଲେ। ଚଳିତବର୍ଷ ସରକାରୀ ବିହନକୁ ଅପେକ୍ଷା କରି ବ୍ଲକ କୃଷି କାର୍ଯ୍ୟାଳୟକୁ ଯାଇ ପଚାରିବାରୁ କୃଷି ଅଧିକାରୀ କହିଲେ ଏଥରକ ବିହନ ଆସିବନାହିଁ। ତୁମର ୩ ବର୍ଷ ହୋଇଗଲା ଚାଷ, ଅନ୍ୟ ବ୍ଲକକୁ ଦିଆଯିବ। ଫଳରେ ଆମେ ହାତରୁ ୧୨୦ ଟଙ୍କାରେ ବାହାରୁ ବିହନ କିଣି କିଛି ଜମିରେ ଲଗାଇଛୁ। କୃଷି ବିଭାଗର ଖାମଖିଆଲି ମନୋଭାବ ଯୋଗୁ ଚାଷୀ ଚାଷରୁ ମୁହଁ ଫେରାଇ ନେଉଛନ୍ତି। ଏଥିପ୍ରତି କୃଷି ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ନ ଦେଲେ ଆଗାମୀଦିନରେ ବ୍ଲକରୁ ଉଭେଇ ଯିବ ବାଦାମ ଚାଷ। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ, ପଟ୍ଟାମୁଣ୍ଡାଇର ଦିଜବର ସେଠୀଙ୍କୁ ପଚାରିବାରେ ଚଳିତବର୍ଷ ରାଜକନିକା ବ୍ଲକକୁ ଜିଲା କାର୍ଯ୍ୟାଳୟରୁ ଚିନାବାଦାମ ବିହନ ଯାଇନାହିଁ। ଅନ୍ୟ ବ୍ଲକକୁ ବିହନ ଯୋଗାଇ ଦିଆଯାଇଛି। ରାଜକନିକାର ଚାଷୀଙ୍କୁ ବିହନ କାହିଁକି ମିଳିଲା ନାହିଁ ବୋଲି ପଚାରିବାରେ ଉପରିସ୍ଥ ଅଧିକାରୀଙ୍କଠାରୁ ବୁଝିକି କହିବି ବୋଲି ସେ କହିଛନ୍ତି।

# ଜମି ଉପରେ ଚେକ୍ ଡ୍ୟାମ୍, ତଳେ ଚାଲିଛି ନିର୍ମାଣ

ନୟାଗଡ଼,୨।୧(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ପଥୁରିପଡ଼ା ଗାଁ ନିକଟରେ ଜମି ଉପରେ ଚେକ୍ ଡ୍ୟାମ୍ ତଳେ ନିର୍ମାଣ ଚାଲିଛି। ବିଲର ବଳକା ପାଣି ଯାଇ ସୃଷ୍ଟି ହୋଇଥିବା ନାଳରେ ଚେକ୍‌ଡ୍ୟାମ୍ ନିର୍ମାଣ କରାଯାଉଥିବାରୁ ସରକାରୀ ଅର୍ଥ ଅପବ୍ୟୟ କରାଯାଉଥିବାର ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଡାହୁକା କେନାଲ ପାଖରେ ଥାଇ ଅଯଥାରେ ଚେକ୍‌ଡ୍ୟାମ୍ ନିର୍ମାଣ କରିବା ଦ୍ୱାରା ସରକାରୀ ଅର୍ଥ ଅପବ୍ୟୟ କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ସେହିଭଳି ୨ ବର୍ଷ ତଳେ ପରି ନାଳ ଡ୍ରେନ ନିର୍ମାଣ ହୋଇଥିଲେ ମଧ୍ୟ ଭାଙ୍ଗି ପୋତି ହୋଇଯିବା ପରେ ଅନିୟମିତତା କାମକୁ ପଦାରେ ପକାଇଛି। ପୁଣି ଶିଆଳିଖୋଲ ବନ୍ଧରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତିର ଅଭିଯୋଗ ହୋଇଥିବାବେଳେ ଜିଲା ପରିଷଦ ସଭ୍ୟମାନେ ତଦନ୍ତ କରି ଗୃହରେ ହୋହାଲା ପାଟିତୁଣ୍ଡ କରିଥିଲେ। ଏହା ପରେ ବି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏପରି ଦୁର୍ନୀତି ନେଇ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅଭିଯୋଗ କରାଗଲା ପରେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।



ଅଭିଯୋଗ ଅନୁସାରେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ପଥୁରିପଡା ଶ୍ମଶାନ ପାଖରେ ୬ ଲକ୍ଷ ଟଙ୍କା ବ୍ୟୟରେ ଏକ ଚେକ୍ ଡ୍ୟାମ୍ କାର୍ଯ୍ୟ ଆରମ୍ଭ ହୋଇଛି। ଯେଉଁ ସ୍ଥାନରେ ଚେକ୍ ଡ୍ୟାମ୍ ନିର୍ମାଣ ହେଉଛି ସେହି ଅଞ୍ଚଳରେ ଜମି ଉପରେ ରହୁଛି। ପ୍ରଶ୍ନ ଉଠୁଛି ଚେକ୍‌ଡ୍ୟାମ୍ ଯଦି ନିର୍ମାଣ ହେଉଛି, ଜମିରେ ପାଣି ମାଡିବନି ତେବେ ଅଯଥାରେ ସରକାରୀ ଅନୁଦାନ ଅପବ୍ୟୟ କରାଯାଇ ଚେକ୍‌ଡ୍ୟାମ୍ କାହିଁକି ନିର୍ମାଣ କରାଯିବ। ଏଠାକାର ଅଞ୍ଚଳରେ ଡାହୁକା ନଦୀର କେନାଲ ରହିଛି। କେନାଲ ଯୋଗେ ପାଣି ଜମିରେ ମାଡୁଛି। ଏଭଳିସ୍ଥଳେ ଚେକ୍‌ଡ୍ୟାମ୍‌ର ଆବଶ୍ୟକତା ନ ଥିବାବେଳେ ଚେକ୍‌ଡ୍ୟାମ୍‌କୁ ତରବରିଆ ଭାବେ ନିର୍ମାଣ କରାଯାଉଛି। ଜମିର ବଳକା ଜଳ ଡାହୁକା ନଦୀକୁ ଯାଇ ଏକ ନାଳ ହୋଇଛି। ନାଳର ଜଳ କେବେ ବି ଚାଷ ଜମିରେ ଲଗାଯାଇ ପାରିବନି। ଏଭଳିସ୍ଥଳେ କାହା ସ୍ୱାର୍ଥରେ ନିର୍ମାଣ ଚାଲିଛି। ପୁଣି ବ୍ୟକ୍ତିଗତ ଜମିରେ ଚେକ୍‌ଡ୍ୟାମ୍ ପାଇଁ ୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଅପରପକ୍ଷେ ଜମି ଓ ପଦା ପୋତି ନ ହେବା ଉଦ୍ଦେଶ୍ୟରେ ପରୀ ନାଳର ଡ୍ରେନ ୨ ବର୍ଷ ତଳେ ପ୍ରାୟ ୧୦୦ ମିଟର ଡ୍ରେନ ନିର୍ମାଣ ହୋଇଥିଲା।

- ବିଲର ବଳକା ପାଣି ଯାଇ ସୃଷ୍ଟି ହୋଇଥିବା ନାଳରେ ଚେକ୍‌ଡ୍ୟାମ
- ଡାହୁକା କେନାଲ ପାଖରେ ଥାଇ ଅଯଥାରେ ଅପବ୍ୟୟ
- ଶିଆଳିଖୋଲ ବନ୍ଧ ଦୁର୍ନୀତିର ହେଲାନି ତଦନ୍ତ
- ଜଳବିଭାଜିକା ପିଡିଙ୍କୁ ଅଭିଯୋଗ ପରେ ବି ନାହିଁ କାର୍ଯ୍ୟାନୁଷ୍ଠାନ

ଡ୍ରେନରେ ୨ ଲକ୍ଷ ଖର୍ଚ୍ଚ ହୋଇଥିବା କୁହାଯାଉଛି। ୨ ବର୍ଷ ଭିତରେ ଡ୍ରେନ ଭାଙ୍ଗି ଯାଇ ମାଟି ପୋତି ହୋଇ ଯାଇଛି। ଏଭଳିସ୍ଥଳେ ବିଲର ବଳକା ବା ଉଦ୍‌ବୃତ୍ତ ଜଳ ଡହୁକା ନଦୀକୁ ଯିବାକୁ ବାଧକ ହେଲାଣି। ଏଣୁ ବିଲ ଓ ପଦା ଧୋଇ ହୋଇ ଯିବାର ସମ୍ଭାବନା ଦେଖାଗଲାଣି। ପ୍ରଶ୍ନ ଉଠୁଛି ୨ ଲକ୍ଷ ଟଙ୍କା କାମ ୨ବର୍ଷରେ ନଷ୍ଟ ହେଲା ପରେ ବି ସରକାରୀ କାର୍ଯ୍ୟାନୁଷ୍ଠାନ ଶୂନ। ସେହିଭଳି ଶିଆଳିଖୋଲ ବନ୍ଧ ପୂର୍ବରୁ କିଛି କାମ ହୋଇଥିଲା। ଏହାକୁ ଅମୃତ ସରୋବର ଯୋଜନାରେ ସାମିଲ କରି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ରହିଛି। କେବଳ ବନ୍ଧର କିଛି ଘାସ ଚାଞ୍ଛି ସରକାରୀ ଅନୁଦାନକୁ ହଡପ କରାଯାଇଥିବାର ଅଭିଯୋଗ ରହିଛି। ଶିଆଳିଖୋଲ ବନ୍ଧର ଦୁର୍ନୀତି ନେଇ ଜିଲା ପରିଷଦ ବୈଠକରେ ଉଦ୍‌ବେଗ, ହୋହାଲା ହୋଇଥିଲା। ଏପରିକି ଏକ କମିଟି ଯାଇ ତଦନ୍ତ କରି ଫେରିଥିଲା। ଦୁର୍ନୀତି ହୋଇଥିବାର ପ୍ରମାଣ ମିଳିବା ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ।

ଏନେଇ ପଥୁରିପଡା ଗାଁର ଗୌତମ ରାଉତ କୁହନ୍ତି, ଜଣେ କି ଦୁଇ ଜଣ ଲୋକଙ୍କୁ ଧରି ଆମ ଗାଁରେ ଚେକ୍‌ଡ୍ୟାମ୍ ନିର୍ମାଣ କରୁଛନ୍ତି। ବିନା ପଲ୍ଲି ସଭା, ଗ୍ରାମ ସଭାରେ କାମ ହେଉଛି। ଏହି ଚେକ୍‌ଡ୍ୟାମ୍ କଲେ କିଛି ସୁଫଳ ମିଳିବନି। ଟଙ୍କା ଆତ୍ମସାତ୍ ପାଇଁ ଚେକ୍‌ଡ୍ୟାମ୍ ନିର୍ମାଣ ହେଉଛି। ଜଳବିଭାଜିକା ପିଡିଙ୍କୁ ଅଭିଯୋଗ କଲେ ତଦନ୍ତ କରିବୁ କହି ତଦନ୍ତ କରୁ ନାହାନ୍ତି। ଏହାର ଭିଜିଲାନ୍ସ ତଦନ୍ତ ହେଉ ବୋଲି ସେ କହିଛନ୍ତି। ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଉପେନ୍ଦ୍ର ପରିଡ଼ା କୁହନ୍ତି ବିଭିନ୍ନ ଅନିୟମିତତା ଅଭିଯୋଗର ତଦନ୍ତ କରାଯିବ। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେବେ ଶିଆଳିଖୋଲ ବନ୍ଧରେ ହୋଇଥିବା ଦୁର୍ନୀତିକୁ ସେ ଅସ୍ୱୀକାର କରିଛନ୍ତି।

# ଖଣ୍ଡପଡ଼ା ନୋଡାଲ ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ଉତ୍କଟ

ଖଣ୍ଡପଡ଼ା,୨।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନୋଡାଲ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ବର୍ଷ ତମାମ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଦ୍ୟାଳୟ ପରିସରରେ ୩ଟି ନଳକୂପ ସ୍ଥାପନ କରାଯାଇଥିଲା। ତନ୍ମଧ୍ୟରୁ ୨ଟି ନଳକୂପ ଅଚଳ ଅବସ୍ଥାରେ ପଡି ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଗୋଟିଏ ନଳକୂପ ଲଟାବୁଦାରେ ଲୁଚି ରହିଛି। ବିଦ୍ୟାଳୟ ସମ୍ମୁଖରେ ଅବସ୍ଥିତ ନଳକୂପଟିର ହ୍ୟାଣ୍ଡେଲ ନାହିଁ। ଅଚଳ ନଳକୂପଗୁଡିକର ମରାମତି ଦିଗରେ ବାରମ୍ବାର ଦାବି ସତ୍ତ୍ୱେ ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ଛାତ୍ରୀଛାତ୍ରମାନେ ଗୋଟିଏ ନଳକୂପ ଉପରେ ନିର୍ଭର କରି ଚଳୁଛନ୍ତି। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ସମସ୍ୟା ସୃଷ୍ଟି ହେଉଛି। ଦୀର୍ଘ ମାସ ଧରି ଅଚଳ ଅବସ୍ଥାରେ ପଡିରହିଥିବା ୨ ନଳକୂପର ମରାମତି ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ତ୍ରିଲୋଚନ ବେହେରାଙ୍କୁ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।



# କମେଣ୍ଟ ମରାକୁ କେନ୍ଦ୍ରକରି ୨ଗୋଷ୍ଠୀ ମାରପିଟ, ୩ ଆହତ

ଓଡ଼ଗାଁ,୨।୧(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଆରଡା ପଞ୍ଚାୟତ ମହୁଲିଆ ଗାଁରେ ଗୁରୁବାର ଅପରାହ୍ଣରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ଯୋଗୁ ଉଭୟ ପକ୍ଷରୁ ୩ ଜଣ ଆହତ ହୋଇଛନ୍ତି। କମେଣ୍ଟ ମରାକୁ କେନ୍ଦ୍ର କରି ଏହି ଘଟଣା ଘଟିଛି। ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀର ଘର ବାରଣ୍ଡାରେ ପଡ଼ିଥିବା ଟାଇଲକୁ ଭାଙ୍ଗି ଗୁଣ୍ଡ କରିଦେଇଛନ୍ତି। ଖବର ପାଇ ଓଡ଼ଗାଁ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ କରିଛି। ଘଟଣାସ୍ଥଳରେ ୨ ସେକ୍ସନ ପୋଲିସଙ୍କୁ ମୁତୟନ କରାଯାଇଛି। ଓଡ଼ଗାଁ ଡାକ୍ତରଖାନାରେ ଆହତମାନଙ୍କୁ ଚିକିତ୍ସା କରାଯାଉଛି। ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତି କରି ଓଡ଼ଗାଁ ପୋଲିସ ୨ଟି ମାମଲା(୧/୨୫, ୨/୨୫) ରୁଜୁ କରି ତଦନ୍ତ ଚାଲୁ ରଖିଛି।

ସୂଚନା ଅନୁଯାୟୀ, ୨୦୨୪ ବର୍ଷକୁ ବିଦାୟ ଦେବା ପାଇଁ ଗାଁ ବ୍ରାହ୍ମଣୀ ଦେବୀ ଯୁବକ ସଂଘର ସଭ୍ୟମାନେ ୩୧ ତାରିଖ ରାତିରେ ଏକ ଭୋଜିର ଆୟୋଜନ କରିଥିଲେ। ସେମାନଙ୍କ ମଧ୍ୟରୁ କେହି ରାତି ପ୍ରାୟ ୧୦ ବେଳେ ଜଣେ ମହିଳାଙ୍କୁ କମେଣ୍ଟ କରିବାରୁ ମହିଳାଙ୍କ ଦେଢଶୁର ଶିବ ନାୟକ ଏହାର ବିରୋଧ କରିଥିଲେ। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ହେଲେ କିଛି ସମୟ ପରେ ଯିଏ ଯାହାର ଘରକୁ ଫେରିଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଶିବ ନାୟକ ଏବଂ ତାଙ୍କ ଭାଇ ଲକ୍ଷ୍ମୀଧର ନାୟକ ଯୁବକ ସଂଘ ଗୃହରେ ପହଞ୍ଚି କମେଣ୍ଟ କରିବା ସମ୍ପର୍କରେ ବସନ୍ତ ସାହୁ ଏବଂ ବିନାୟକ ରାଉତଙ୍କୁ ପଚାରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ଫଳରେ ଉଭୟ ପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ଓ ମାରପିଟ ହୋଇଥିଲା। ଶିବ ନାୟକଙ୍କ ଆଘାତରେ ବିନାୟକ ରାଉତଙ୍କ ବାପା ଜୟକୃଷ୍ଣ ରାଉତଙ୍କ ମୁଣ୍ଡ ଫାଟିଥିଲା ଓ ମା' ମାଲୁଣି ରାଉତଙ୍କ ହାତକଚଟିରେ ପାହାର ବସିଥିଲା। ଅନ୍ୟପକ୍ଷେ ବିନାୟକ ରାଉତ, ବସନ୍ତ ସାହୁଙ୍କ ପକ୍ଷର ମାଡ଼ରେ ଶିବ ନାୟକର ମଝି ଆଙ୍ଗୁଠିରେ ଚୋଟ ବସିବାରୁ ଆଙ୍ଗୁଠିରେ ଲାଗିଥିବା ମୁଦି ଦୁଇଗଡ ହୋଇ କେଉଁଠାରେ ଖସି ପଡ଼ିଥିଲା। ପୋଲିସ ଅଭିଯୁକ୍ତମାନଙ୍କୁ ନିଜ ହେପାଜତକୁ ଆଣିଛି। ଶୁକ୍ରବାର ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

ଗାଁର କୋଠ ସମ୍ପତ୍ତିର ହିସାବକୁ ନେଇ ୧୦ ବର୍ଷ ପୂର୍ବେ ଶିବ ନାୟକଙ୍କ ପରିବାର ପ୍ରଶ୍ନ ଉଠାଇଥିଲେ। ସେବେଠାରୁ ଉକ୍ତ ପରିବାର ଗୋଟିଏ ପକ୍ଷରେ ରହିଥିବା ବେଳେ ଗ୍ରାମବାସୀ ଅନ୍ୟ ପକ୍ଷରେ ରହିଥିଲେ। ସେବେଠାରୁ ଉଭୟପକ୍ଷ ମଧ୍ୟରେ ତିକ୍ତତା ଲାଗି ରହିଥିଲା। କିଛିଦିନ ପୂର୍ବେ ଗାଁରେ ମନ୍ଦିର ନିର୍ମାଣକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା।

# ପାଲା ବଖାଣିଲା ସଡ଼କ ସୁରକ୍ଷା ସଚେତନତା

ନୟାଗଡ଼,୨।୧(ଲୋକନାଥ ମିଶ୍ର)

ପାଲା ବଖାଣିଲା ସଡ଼କ ସୁରକ୍ଷା ସଚେନତା ବାର୍ତ୍ତା। ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବା, ହେଲ୍‌ମେଟ ପିନ୍ଧି ଗାଡ଼ି ଚଳାଇବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଟ୍ରାଫିକ ନିୟମ ମାନିବା ନୀତି ନିୟମ ପାଲାରେ ବାରି ହୋଇ ପଡୁଥିଲା। ସୁବାସ ଚନ୍ଦ୍ର ଗ୍ରହାଚାର୍ଯ୍ୟ ଓ ତାଙ୍କ ଟିମ ଦ୍ୱାରା ପାଲା ପରିବେଷଣ ହେଉଥିଲା। ନୟାଗଡ଼ର ସ୍ମାଇଲ ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ନୟାଗଡ଼ ଟ୍ରାଫିକ ଛକ, ଶରଣକୁଳ ଲଡୁବାବା ମନ୍ଦିର, ଓଡ଼ଗାଁ ବସଷ୍ଟାଣ୍ଡ ଓ ରଘୁନାଥ ମନ୍ଦିର ସମ୍ମୁଖରେ ପାଲା ହୋଇଥିଲା। ୮ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସ୍ଥାନରେ ଏହି ପାଲା ପରିବେଷଣ ହେବ। ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ପାଲା ପରିବେଷଣ ପରେ ସଡ଼କ ସୁରକ୍ଷା ସଚେତନତା ଉପରେ ଏଲଇଡି ରଥ ର ଉଦ୍‌ଘାଟନ କରାଯାଇଥିଲା। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲା ଓ ଏସ୍‌ପି ଏସ୍ ସୁଶ୍ରୀ ମିଳିତ ଭାବେ ସବୁଜ ପତାକା ଦେଖାଇ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏ ଅବସରରେ ଏକ ବାଇକ୍ ରାଲି ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜସଲା ସଦର ମହକୁମା ବୁଲି ସଚେନତନା ବାର୍ତ୍ତ ବାଣ୍ଟିଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ ପରିଡା ଏହାକୁ ପରିଚାଳନା କରିଥିବାବେଳେ ଡ୍ରାଇଭର ମହାସଂଘ, ସିଭିଲ ସୋସାଇଟ, ବସ୍ ମାଲିକ ସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଥିରେ ଭାଗ ନେଇଥିଲେ।




ସଚେତନତା ସୃଷ୍ଟି ପାଇଁ ପାଲା ପରିବେଷଣ କରାଯାଉଛି।

# ପାଚିକା, ସହାୟିକାଙ୍କୁ ପ୍ରଶିକ୍ଷଣ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ପାଚିକା ଓ ସହାୟିକା।

ଖଣ୍ଡପଡ଼ା,୨।୧(ଅଜୟ କୁମାର ମହାରଣା)

ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଦାୟିତ୍ୱରେ ଥିବା ପାଚିକା ଓ ସହାୟିକାମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ଅଧୀନ ୫ ବିଦ୍ୟାଳୟରେ ୩ଦିନ ଧରି ଆୟୋଜିତ ପ୍ରଶିକ୍ଷଣ ଶିବିରରେ ୨୪୨ ଜଣ ପାଚିକା ଓ ସହାୟିକାମାନଙ୍କୁ ଉନ୍ନତ ମାନର ଖାଦ୍ୟ ପ୍ରସ୍ତୁତି ସହ ଖାଦ୍ୟ ପ୍ରସ୍ତୁତି ବେଳେ ସ୍ୱଚ୍ଛତା ଅବଲମ୍ବନ କରିବା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। ନୋଡାଲ ଅଧିକାରୀ ଭାବେ ଏବିଓ କଳିଙ୍ଗ ଚନ୍ଦ୍ର ନାୟକ ଶିବିରରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଏହି ଅବସରରେ ପାଚିକା ଓ ସହାୟିକାମାନଙ୍କ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ଜଳଖିଆକୁ ନେଇ ରନ୍ଧନ ପ୍ରତିଯୋଗୀତା ପାଇଁ ମନୋନୀତ କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ ସମସ୍ତଙ୍କୁ ଆପ୍ରନ, ଟୋପି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବ୍ଲକସ୍ତରୀୟ ପ୍ରତିଯୋଗୀତାରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

**ଉନ୍ନତ ମାନର ଖାଦ୍ୟ ପ୍ରସ୍ତୁତି ଉପରେ ଗୁରୁତ୍ୱ**

# ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର

ଖଣ୍ଡପଡ଼ା,୨।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କର ଦକ୍ଷତା ବିକାଶ ନେଇ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଏକ ପ୍ରଶିକ୍ଷଣ ଶିବିର ବୁଧବାରଠାରୁ ଆରମ୍ଭ ହୋଇଛି। ବିଦ୍ୟାଳୟ ଗୁଡିକରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯିବା ସହ ସ୍ୱଳ୍ପ ମୂଲ୍ୟରେ ଶିକ୍ଷଣ ସାମଗ୍ରୀର ବ୍ୟବହାର ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ପ୍ରୟୋଗ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷକ ଭାବେ ବିଭିନ୍ନ ବିଦ୍ୟାଳୟରୁ ଦକ୍ଷ ଶିକ୍ଷକମାନେ ଯୋଗ ଦେଇଥିଲେ। ସେହିପରି ଖଳିସାହି ଲିଙ୍ଗରାଜ ନୋଡାଲ ବିଦ୍ୟାଳୟରେ ମଧ ପ୍ରୟୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାଶ, ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ ଓ ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ଶାଳଝରିଆରେ ୨୦୧୭ ବ୍ୟାଚ୍‌ର ବନ୍ଧୁମିଳନ

ଖଣ୍ଡପଡ଼ା,୨।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଶାଳଝରିଆ ପଞ୍ଚାୟତସ୍ଥିତ ଗିରିଗୋବର୍ଦ୍ଧନ ଆମ୍ବତୋଟାରେ ଶାଳଝରିଆ ଯୁଜି ଉଚ୍ଚ ବିଦ୍ୟାଳୟର ୨୦୧୬-୧୭ ମାଟ୍ରିକ ବ୍ୟାଚ୍‌ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରାତନ ସହପାଠୀ ବାଲୁଙ୍କ ପତି, ଶିବ ପତି, କୁନା ବେହେରା, ଶିବୁ ପ୍ରଧାନ, ସନ୍ତୋଷ ବେହେରା, ପବିତ୍ର ଦାସ ଓ ଦିଲୁ ବେହେରାଙ୍କ ଉଦ୍ୟମ କ୍ରମେ ୪୦ରୁ ଊର୍ଦ୍ଧ୍ୱ ସହପାଠୀ ସପରିବାର ଏ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପୁରାତନ ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିବା ସହ ଅତୀତର ସ୍ମୃତିକୁ ରୋମନ୍ଥନ କରିଥିଲେ।

# ସ୍କୁଲରେ ପାଳନ କରାଯାଉ ଯଦୁମଣି ଜୟନ୍ତୀ

ନୟାଗଡ଼,୨।୧(ଲୋକନାଥ ମିଶ୍ର)

ଓଡିଆ ସାହିତ୍ୟର ଯୁଗ ପୁରୁଷ, ନୟାଗଡ ମାଟିର ଗର୍ବ, ଆଶୁକବି ଯଦୁମଣୀ ମହାପାତ୍ରଙ୍କ ଜୟନ୍ତୀକୁ ଜାନୁଆରୀ ୮ରେ ଜିଲାର ପ୍ରତି ଶିକ୍ଷାନୁଷ୍ଠାନରେ ପାଳନ କରିବାକୁ ନୟାଗଡ଼ ଜିଲାପାଳଙ୍କୁ ଗୁରୁବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏନେଇ ନୟାଗଡ଼ ସେବା ଉତ୍ସବ ସମିତି ପକ୍ଷରୁ ସମିତି ମୁଖ୍ୟ ଶିବରାମ ମହାପାତ୍ର ଓ ଯଦୁମଣିଙ୍କ ଦାୟାଦ୍ ରୋହନ ମହାପାତ୍ର ଜିଲାପାଳଙ୍କୁ ଭେଟିଥିଲେ।

କବି ଯଦୁମଣୀ ହାସ୍ୟକବି ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଜନ୍ମ ଗଞ୍ଜାମର ଆଠଗଡ଼ରେ ହୋଇଥିଲେହେଁ ନୟାଗଡ଼ର ଇଟାମାଟିରେ କର୍ମମୟ ଜୀବନ ବିତିଥିଲା। ନୟାଗଡ଼ ରାଜା ବିନାୟକ ସିଂ ମାନ୍ଧାତାଙ୍କ ରାଜସଭାରେ ସେ କବି ଥିଲେ। ରାଜା ବିନାୟକ ସିଂ ମାନ୍ଧାତାଙ୍କ ପରେ ପୁତ୍ର ବ୍ରଜ ବଲ୍ଲଭ ସମ୍ମାନ ନ ଦେବାରୁ ରଣପୁର ରାଜସଭାକୁ ଚାଲି ଯାଇଥିଲେ। ଯଦୁମଣିଙ୍କ କବିତାରେ ନିର୍ଭିକତା ବାରି ହୋଇ ପଡେ। ନିଜର ସମାଲୋଚନା ମୂଳକ କବିତା ମାଧ୍ୟମରେ ପ୍ରଜାଙ୍କ ଦୁଃଖ ଦୁର୍ଦ୍ଦଶା ଓ ରାଜାଙ୍କୁ ନିନ୍ଦା କରି ସଚେତନତା କରାଉଥିଲେ। କବି ନିଜର ଦାରିଦ୍ର୍ୟପୂର୍ଣ୍ଣ ଜୀବନ ଭିତରେ କାବ୍ୟ କବିତା ଲେଖି ନିଜକୁ ଜଣେ ଶ୍ରେଷ୍ଠ କବି ଭାବେ ଗଢ଼ି ତୋଳିପାରିଥିଲେ। ଏଭଳିଆ କବିଙ୍କ ପାଇଁ ଶିକ୍ଷାନୁଷ୍ଠାନରେ ଜୟନ୍ତୀ ପାଳନ ହେଉନଥିବାରୁ ସାଧାରଣରେ ଉଦ୍‌ବେଗ ଓ ଅସନ୍ତୋଷ ପ୍ରକାଶ ପାଇ ଆସୁଛି।

**ଜିଲାପାଳଙ୍କୁ ସ୍ମାରକପତ୍ର ଦେଲା ସେବା ଉତ୍ସବ ସମିତି**

**ଫଳକରେ ପ୍ରତିମୂର୍ତ୍ତି ତଳେ ନାଁ ନାହିଁ**

ନୟାଗଡ଼ ବ୍ଲକ ଇଟାମାଟି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀ ଓ ଉତ୍କଳ ଘଣ୍ଟ ଯଦମୁଣିଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ତେବେ ପ୍ରତିମୂର୍ତ୍ତି ତଳେ ଲାଗିଥିବା ଫଳକରେ ମହାତ୍ମା ଗାନ୍ଧୀ ଓ ଉତ୍କଳ ଘଣ୍ଟ ଯଦମୁଣିଙ୍କର ନାମ ନାହିଁ। କିନ୍ତୁ ଫଳକରେ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ୨୪।୧।୨୦୨୪, ଅତିଥିଙ୍କର ନାଁ ରହିଛି। ଏଭଳିଆ ଘଟଣା ଜଣା ପଡିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ପ୍ରତିମୂର୍ତ୍ତି ତଳେ ନାମଫଳକ ନାହିଁ।

# ଏକଲବ୍ୟ ଡ୍ୟାନ୍ସ ଆଣ୍ଡ ଆର୍ଟ ଏକାଡେମୀର ବାର୍ଷିକ ଉତ୍ସବ

ଓଡ଼ଗାଁ,୨।୧
(ଆଦର୍ଶ କୁମାର ପଟ୍ଟନାୟକ)

ନୂତନ ବର୍ଷ ପ୍ରାରମ୍ଭରେ ବୁଧବାର ଓଡ଼ଗାଁ ଏକଲବ୍ୟ ଡ୍ୟାନ୍ସ ଏକାଡେମୀ କୁନିକୁନି କଳାକାରମାନଙ୍କୁ ନେଇ ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ସରକାରୀ କଲ୍ୟାଣ ମଣ୍ଡପରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ଦାଶଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ସ୍ଥାନୀୟ ତହସିଲଦାର ଡ. ମାନସରଞ୍ଜନ ଭୋଇ,ସ୍ୱତନ୍ତ୍ର ଅତିଥି ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ,ମୁଖ୍ୟବକ୍ତା ଓଡ଼ଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମିରଞ୍ଜନ ସାହୁ, ସମ୍ମାନିତ ଡାକ୍ତର ନୀଳାଞ୍ଜନ ଦାଶ ଓ ଓଡ଼ିଆ ସିନେମା ଜଗତର ବର୍ଷୀୟାନ କଳାକାର ଚୌଧୁରୀ ଜୟପ୍ରକାଶ ଦାଶ, ଜୀବନ ପଣ୍ଡା, ନିର୍ଦ୍ଦେଶକ ବାସୁଦେବ ବରାଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ବୃକ୍ଷରେ ଜଳଦାନ ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହ ବିୟୋଗ ଓ ସ୍ଥାନୀୟ ଅଞ୍ଚଳର ସାଂସ୍କୃତିକ ସଂଗଠକ ପ୍ରଫୁଲ୍ଲ କୁମାର ଡାକୁଆଙ୍କ ବିୟୋଗ ନୀରବ ପ୍ରାର୍ଥନା କରାଯାଇଥିଲା।ବରିଷ୍ଠ ଓ କନିଷ୍ଠ କଳାକାରମାନେ ସେମାନଙ୍କ ଦଳଗତ ନୃତ୍ୟ ପରିବେଷଣ କରିବା ସହିତ ଚିତ୍ରକଳା ଶିକ୍ଷାର୍ଥୀମାନେ ସଙ୍ଗୀତର ତାଳେତାଳେ ମଞ୍ଚ ଉପରେ ସୁନ୍ଦର କଳାନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ଅତିଥିମାନେ ଏଭଳି ଏକ ଅନୁଷ୍ଠାନକୁ ସୃଷ୍ଟି କରିଥିବା ଗୁରୁ ଏକଲବ୍ୟ ଦାଶଙ୍କୁ ପ୍ରଶଂସା କରିଥିଲେ। ଶେଷରେ ସମସ୍ତ କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଭାବଗ୍ରାହୀ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ରଞ୍ଜନ କୁମାର ଦାଶ,ପଞ୍ଚାନନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱରୂପ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀମାନେ।

